ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୨୮ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 JANUARY 2024
Vol.No. 35 ■ No.27 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ବିହାରରେ ରାଜନୈତିକ ହଟଚମଟ ଜାରି

## ■ଇସ୍ତଫା ଦେଇପାରନ୍ତି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର
## ■ବିଜେପି ସହ ମିଶି ଗଢିବେ ନୂଆ ସରକାର



ନୂଆଦିଲ୍ଲୀ, ୨୭/୧ : ରବିବାର ବିଜେପି ସହ ମିଶି ପୁଣିଥରେ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି ନୀତୀଶ କୁମାର । ଚର୍ଚ୍ଚା ଅନୁସାରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ନୀତୀଶଙ୍କ ନୂଆ ସରକାରରେ ସୁଶୀଲ କୁମାର ମୋଦୀଙ୍କୁ ପୁଣି ମିଳିପାରେ ଉପମୁଖ୍ୟମନ୍ତ୍ରୀ ପଦ । କୁହାଯାଉଛି ଅଲଗା ଅଲଗା ବୈଠକ କରି ଆଗାମୀ ପଦକ୍ଷେପ ସଂପର୍କରେ ଆଲୋଚନା ଚଳାଇଛନ୍ତି ବିଜେପି, ଆରଜେଡି ଓ କଂଗ୍ରେସ । ତେବେ ପୂର୍ବରୁ ଏନଡିଏ ସହ ରହିଥିବା ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ମୁଖ୍ୟ ଜୀତନରାମ ମାଂଝୀଙ୍କ ସହ ଆଲୋଚନା କରିଥିଲେ ଲାଲୁ ପ୍ରସାଦ ଯାଦବ । ଏବେ ରାହୁଲ ଗାନ୍ଧୀ ମଧ୍ୟ ତାଙ୍କ ସହ ଫୋନ ଯୋଗେ କଥା ହୋଇଥିବା ଜଣାପଡିଛି । ନଜର ପକାନ୍ତୁ ସରକାର ଗଢିବା ପାଇଁ କେଉଁ ସ୍ଥିତିରେ ଅଛନ୍ତି ନୀତୀଶ ? ଚର୍ଚ୍ଚା ହେଉଥିଲା ମହାଗଠବନ୍ଧନ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇ ନୀତୀଶଙ୍କୁ ଫ୍ଲୋରଟେଷ୍ଟ ପାଇଁ ବାଧ କରିବ ଆରଜେଡି । ହେଲେ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆରଜେଡି ବିଧାୟକ ଦଳ ବୈଠକକୁ ସମ୍ବୋଧନ କରି ଭିକ୍ଟିମ କାର୍ଡ ଖେଳିବାକୁ କହିଛନ୍ତି ତେଜସ୍ୱୀ ଯାଦବ । ଦଳ ପରବର୍ତ୍ତୀ ନିଷ୍ପତି ଲାଲୁ ଯାଦବଙ୍କ ଉପରେ ଛାଡିଥିବା କହିଛନ୍ତି ଆରଜେଡି ନେତା ମନୋଜ ଝା । ନଜର ପକାନ୍ତୁ ମହାଗଠବନ୍ଧନରୁ ନୀତୀଶ ଚାଲିଗଲେ କଣ ରହିବ ସ୍ଥିତି ? ସରକାରରେ ବସିବାକୁ ସାଥୀ ବଦଳାଇବାରେ ପାରଙ୍ଗମ ନୀତୀଶ କୁମାର । ସେଥିପାଇଁ ତାଙ୍କୁ ରାଜନୀତିରେ ପଲଟୁରାମ ଆଖ୍ୟା ଦିଆଯାଇଛି । ପ୍ରଥମେ ମହାଗଠବନ୍ଧନ, ପୁଣି ବିଜେପି ଓ ପୁଣି ମହାଗଠବନ୍ଧନକୁ ଫେରିବା ପରେ ଏବେ ବିଜେପି ସହ ମିଶି ସରକାର ଗଢିବାକୁ ଯାଉଛନ୍ତି । ବିଜେପି ତାଙ୍କ ଚରିତ୍ର ଜାଣି ମଧ୍ୟ ପୁଣି ହାତ ମିଶାଇବାର ୩ଟି ପ୍ରମୁଖ କାରଣ ରହିଛି ।

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପରଲୋକ



ଯାଜପୁର, ୨୭/୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପରଲୋକ ଘଟିଛି । ଏସସିବି ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଯାଜପୁର ବଡ଼ଚଣା ବାଲିପଡିଆ ଗାଁରେ ନୀଳମଣିଙ୍କ ଘର । ୪ ଦିନ ତଳେ ତାଙ୍କର ବ୍ରେନ୍‌ଷ୍ଟ୍ରୋକ୍ ହୋଇଥିଲା । ତାଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ଚାଲିଥିଲା । ଆଜି ଅପରାହ୍ନରେ ତାଙ୍କର ବିୟୋଗ ଘଟିଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ବିଶିଷ୍ଟ ବ୍ୟକ୍ତି ବିଶେଷ ମେଡିକାଲ୍‌ରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଆଜି ତାଙ୍କ ମରଶରୀରକୁ ଜନ୍ମମାଟିକୁ ନିଆଯିବ । ଆସନ୍ତାକାଲି ଅନ୍ତିମ ସଂସ୍କାର କରାଯିବ ବୋଲି ତାଙ୍କ ପୁଅ ଚନ୍ଦ୍ରକାନ୍ତ ସାମଲ କହିଛନ୍ତି । ବଡ଼ଚଣା ବ୍ଲକ ବାଲିପଡିଆ ଗାଁରେ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଜନ୍ମ ଗ୍ରହଣ କରିଥିଲେ ।

## ନୀତିଶ କୁମାରଙ୍କୁ ବଡ ଝଟକା ଦେବାକୁ ପ୍ରସ୍ତୁତ ହେଉଛି ଆରଜେଡି : ତେଜସ୍ୱୀ



ନୂଆଦିଲ୍ଲୀ, ୨୭/୧ : ବିହାରରେ ଜେଡିୟୁ ଓ ବିଜେପି ପୁଣିଥରେ ମିଳିତ ସରକାର ଗଠନ କରିପାରନ୍ତି । ଏହାରି ମଧ୍ୟରେ ଆରଜେଡି ତରଫରୁ ନୀତିଶ କୁମାରଙ୍କୁ ଏକ ବଡ ଝଟକା ଦେବାକୁ ଯୋଜନା କରୁଛି । ଆରଜେଡି ଭଲଭାବେ ବୁଝିସାରିଛି ଯେ ସଂଖ୍ୟା ଗଣିତରେ ନୀତିଶଙ୍କୁ ଟକ୍କର ଦେବା ସମ୍ଭବ ନୁହେଁ । ତେଣୁ ସରକାର ଗଠନ କରିବା ଉପରେ ରୋକ୍ ଲଗାଇବାକୁ ଆରଜେଡି ଏକ ସ୍ୱତନ୍ତ୍ର ଯୋଜନା କରିଛି । ଆରଜେଡିରୁ ଯୋଜନା ରହିଛି କି ଫେବୃଆରୀ ୫ ରୁ ବିହାର ବିଧାନସଭାରେ ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ବିଧାନସଭା ଅଧିବେଶନ ଆରମ୍ଭରେ ନୀତିଶ କୁମାର ବିଶ୍ୱାସ ପ୍ରସ୍ତାବ ଆଣିବେ । ଠିକ୍ ଏହି ସମୟରେ ଆରଜେଡି ତରଫରୁ ଜେଡିୟୁର କିଛି ବିଧାୟକଙ୍କୁ ବିଧାନସଭାରେ ଅନୁପସ୍ଥିତ କରାଇବାକୁ ଯୋଜନା ଚାଲିଛି । ତାହା ନହେଲେ ଅତି କମରେ ୧୬ ଜଣ ଜେଡିୟୁ ବିଧାୟକ କିଭଳି ଇସ୍ତଫା ଦେବେ ତାହା ଉପରେ ଆରଜେଡି କାମ କରୁଛି । ଯଦି ୧୬ ଜଣ ଜେଡିୟୁ ବିଧାୟକ ଇସ୍ତଫା ଦେଉଛନ୍ତି ତେବେ ବିହାର ବିଧାନସଭାରେ ମୋଟ ବିଧାୟକଙ୍କ ସଂଖ୍ୟା ୨୨୭କୁ ଆସିଯିବ ଓ ନୀତିଶଙ୍କ ସରକାର ଭାଙ୍ଗିଯିବ । ୧୬ ଜଣ ବିଧାୟକଙ୍କ ଇସ୍ତଫା ପରେ ବିହାର ବିଧାନସଭାର ବିଧାୟକଙ୍କ ସଂଖ୍ୟା ୨୨୭ କୁ ଆସିଯିବ ଓ ବହୁମତ ପାଇଁ ୧୧୪ ବିଧାୟକଙ୍କ ସମର୍ଥନ ଆବଶ୍ୟକ ପଡିବ । ୧୧୪ ବିଧାୟକଙ୍କ ସମର୍ଥନ ଆରଜେଡି ପାଖରେ ଥିବାରୁ ଆରଜେଡି ମେଣ୍ଟ ସରକାର ଗଠନ କରିପାରିବ । ଏଠି ପ୍ରଶ୍ନ ଉଠୁଛି ନୀତିଶ କୁମାର ସରକାର ଗଠନ କରିବାକୁ ଯାଉଥିବା ବେଳେ ତାଙ୍କ ଦଳର ୧୬ ଜଣ ବିଧାୟକ କାହିଁକି ଇସ୍ତଫା ଦେବେ । ଏହାର ଉତ୍ତର ହେଉଛି ଆଗାମୀ ୧ ବର୍ଷ ମଧ୍ୟରେ ବିହାରରେ ୪ଟି ନିର୍ବାଚନ ହେବାକୁ ଯାଉଛି । ଲୋକସଭା, ରାଜ୍ୟସଭା, ଏମଏଲସି ଓ ୨୦୨୬କୁ ବିଧାନସଭା ନିର୍ବାଚନ । ତେଣୁ ଜେଡିୟୁର ୧୬ ଜଣ ବିଧାୟକଙ୍କୁ ପ୍ରଲୋଭନ ଦେଖାଇ ଆରଜେଡି ଗେମ୍ ଖେଳିପାରେ ।

## ଆରମ୍ଭ ହେଲା ଆଦିବାସୀ ମେଳା

ଭୁବନେଶ୍ୱର, ୨୭/୧ (ନି.ପ୍ର): ଓଡିଶାର ଜନଜାତିଙ୍କ ଜୀବନଜୀବିକା, କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ଆୟୋଜିତ ହୋଇଛି ଆଦିବାସୀ ମେଳା-୨୦୨୪ । ଚଳିତ ବର୍ଷ ୟୁନିଟ-୧ ସ୍ଥିତ ଆଦିବାସୀ ପଡିଆରେ ଏହି ମେଳାର ଆୟୋଜନ କରାଯାଇଛି । ଜାନୁଆରୀ ୨୬ ରୁ ଆରମ୍ଭ ହୋଇ ଏହି ମେଳା ଫେବୃଆରୀ ୫ ଯାଏଁ ଚାଲିବ । ପ୍ରତ୍ୟହ ଅପରାହ୍ନ ୨ଟା ୩୦ ରୁ ରାତି ୯ ଟା ଯାଏଁ ଏହି ମେଳା ସର୍ବସାଧାରଣଙ୍କ ନିମନ୍ତେ ଖୋଲାରହିବ । ଏହି ମେଳାର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାମ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗ ଦେଇ ଆଦିବାସୀ ମେଳାର ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ । ସମାରୋହରେ ସମ୍ମାନନୀୟ ଅତିଥି ଭାବେ ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ଯୋଗ ଦେଇଥିଲେ ।

## ଧରା ପଡ଼ିଲେ ନକଲି ଶିକ୍ଷକ: ବହିଷ୍କାର କଲେ ବିଇଓ

ବଲାଙ୍ଗିର, ୨୭/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାରୁ ନକଲି ଶିକ୍ଷକ ଧରାପଡ଼ିବାର ଧାରା ଜାରି ରହିଛି । ଜାଲ ସାର୍ଟିଫିକେଟର କାରଖାନା ବଲାଙ୍ଗିରରୁ ବାହାରିବ ପରେ ସାର୍ଟିଫିକେଟ ଯାଞ୍ଚକୁ ଜୋରଦାର କରାଯାଇଛି । ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଅଭିଯୋଗରେ ଆଗରୁ ଅନେକ ଶିକ୍ଷକ ଚାକିରିରୁ ବହିଷ୍କାର ହେଇସାରିଛନ୍ତି । ଏବେ ପୁଣି ଜଣେ ଶିକ୍ଷକଙ୍କ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିବ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁକାନ୍ତ କୁମାର ମନ୍ତ୍ରୀ ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ନେଇ ଅଭିଯୋଗ ହୋଇଥିଲା । ତେଣୁ ଶିକ୍ଷା ବିଭାଗ ତାଙ୍କ ଟିଚର ଟ୍ରେନିଂ ସାର୍ଟିଫିକେଟକୁ ଯାଞ୍ଚ ପାଇଁ ପଠାଇଥିଲା । ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ ?ଇ) ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ ପରେ ତାହା ନକଲି ବୋଲି ଜଣାପଡ଼ିଥିଲା । ମାଧ୍ୟମକି ଶିକ୍ଷା ପରିଷଦ ଏନେଇ ଶିକ୍ଷା ବିଭାଗକୁ ଜଣାଇଥିଲା । ଏହା ପରେ ବଙ୍ଗୋମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସୁକାନ୍ତ କୁମାର ମନ୍ତ୍ରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ତା' ସହିତ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଭାବେ ତାଙ୍କ ନାଁରେ ଅଭିଯୋଗ ଦାଖଲ କରିଛନ୍ତି । ନକଲି ଶିକ୍ଷକ ଜଣକ ଫେରାର ଥିବା ଜଣାପଡ଼ିଛି ।

## ଲୋକାର୍ପିତ ହେଲା ସମଲେଇ ପ୍ରକଳ୍ପ



ସମ୍ବଲପୁର, ୨୭/୧ (ନି.ପ୍ର): ଆଜି ଲୋକାର୍ପିତ ହୋଇଛି ବହୁ ପ୍ରତିକ୍ଷିତ ସମଲେଇ ପ୍ରକଳ୍ପ । ସମ୍ବଲପୁରରେ ହୋଇଥିବା ମା' ସମଲେଇ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଆଜି ମଧ୍ୟାହ୍ନ ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପରେ ବିମାନ ଯୋଗେ ପହଞ୍ଚିଥିଲେ । ସେଠାରୁ ସମଲେଇ ମନ୍ଦିରକୁ ଯାଇ ଅପରାହ୍ନ ପ୍ରାୟ ୧ଟାରେ ଏହି ମନ୍ଦିର ଲୋକାର୍ପଣ କରିଥିବା ଜଣାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ୫ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ବି ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟାଟେରି ଗାଡ଼ିରେ ବସି ସମ୍ପୂର୍ଣ୍ଣ ସମଲେଶ୍ୱରୀ ପ୍ରକଳ୍ପ ବୁଲି ଦେଖିଛନ୍ତି । ଗତକାଲି ହଜାରେରୁ ଅଧିକ ମହିଳା ମହାନଦୀରୁ ଜଳ କୁମ୍ଭ ଧରି କଳସ ଯାତ୍ରା କରି ସମଲେଇ ମନ୍ଦିରକୁ ଯାଇଥିଲେ । ମନ୍ଦିରରେ ନଡ଼ିଆ କଳସ ଗୁଡିକୁ ରଖାଯାଇଛି । ଏହି ଅବସରରେ ଆଜିଠାରୁ ସମଲେଶ୍ୱର ମନ୍ଦିର ପରିସରରେ ଥିବା ଯଜ୍ଞ କୁଣ୍ଡରେ ହୋମ ଯଜ୍ଞ ଆରମ୍ଭ ହେବ । ଏହି ପ୍ରକଳ୍ପ ଲୋକାର୍ପଣ ଓ ସ୍ୱତନ୍ତ୍ର ଦେବ ନୀତି ପାଇଁ ଆଜି ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସମଲେଇ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଛି । ଆଜି ସନ୍ଧ୍ୟାରେ ମହାନଦୀ କୂଳରେ ମହାନଦୀ ଘାଟରେ ସନ୍ଧ୍ୟା ଆଳତିର ବନ୍ଦବୋସ୍ତ କରାଯାଇଛି । ସମଲେଶ୍ୱରୀ ପ୍ରକଳ୍ପ ଅଧୀନରେ ମନ୍ଦିରର ଚତୁଃପାର୍ଶ୍ୱକୁ ସମ୍ପ୍ରସାରଣ କରାଯାଇଛି । ଏହା ମଧ୍ୟରେ ଯାତ୍ରୀ ନିବାସ, ଯାତ୍ରୀ ପ୍ରତିକ୍ଷାଳୟ ରହିଛି । ଖରା ତଥା ବର୍ଷା ଦିନେ ସୁରୁଖୁରୁରେ ଯାତ୍ରୀଙ୍କ ଧାଡ଼ି ଦର୍ଶନ ପାଇଁ ସେଡର ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପ ଅଧୀନରେ ମନ୍ଦିର ପରିସରରେ ଥିବା ଏକ ପୁଷ୍କରଣୀର ପୁନରୁଦ୍ଧାର କରାଯାଇଛି । ମନ୍ଦିର ପ୍ରାଙ୍ଗଣରେ ଆଖି ଖୋସିଦେବା ପରି ପଥରର କାରୁକାର୍ଯ୍ୟ ସହ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି । ସମଲେଇ ପ୍ରକଳ୍ପ ଉଦ୍ ?ଘାଟନ ଅବସରରେ ସାରା ରାଜ୍ୟରେ ସମସ୍ତ ସ୍କୁଲ କଲେଜକୁ ପୂର୍ବରୁ ବନ୍ଦ ଘୋଷଣା କରାଯାଇଛି ।

## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଝିଅ ଛାଡ଼ି ପଳାଇଗଲେ ବାପା

ଭୁବନେଶ୍ୱର, ୨୫/୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ । କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଝିଅକୁ ଛାଡ଼ି ପଳାଗଲେ ବାପା । ଫୋନ୍ କଲେ ମଧ୍ୟ ଉଠାଉ ନାହାନ୍ତି । କ୍ୟାପିଟାଲ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏନେଇ କମିଶନରେଟ୍ ପୁଲିସ୍‌କୁ ଅବଗତ କରାଇଛି । କ୍ୟାପିଟାଲ୍ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ପ୍ରଶାନ୍ତ ନାୟକଙ୍କ ପତ୍ନୀ ମମତା ନୟାଗଡ଼ ମେଡ଼ିକାଲ୍‌ରେ ଏକ ଶିଶୁକନ୍ୟା ପ୍ରସବ କରିଥିଲେ । ଛୁଆର ଓଜନ ୮୬୦ ଗ୍ରାମ୍ ଥିଲା । ତେଣୁ ଶିଶୁଟିକୁ ଏସ୍‌ଏନ୍‌ସିୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ୨ରୁ ୩ ଦିନ ଗତ ୧୮ ତାରିଖରେ ପ୍ରଶାନ୍ତ ଛୁଆକୁ ଧରି କ୍ୟାପିଟାଲ୍ ହସ୍ପିଟାଲ୍ ଆସିଥିଲେ । ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ଛୁଆକୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା । ଛୁଆର ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ଥିବାରୁ ନିୟମିତ ବ୍ୟବଧାନରେ ମେଡ଼ିସିନ୍ ଓ ବ୍ଲଡ୍ ଦିଆଯାଉଥିଲା । ହେଲେ ବାପା ଓ ମାଆଙ୍କ ଦେଖାଯାଇ ନାହିଁ । ଛୁଆ ସମ୍ପର୍କରେ ସୂଚନା ଦେବା ପାଇଁ ମାଆ ମମତା ଓ ବାପା ପ୍ରଶାନ୍ତଙ୍କ ଫୋନ୍ କରାଯାଉଛି । ମାତ୍ର ସେମାନେ ଫୋନ୍ ଉଠାଉ ନାହାନ୍ତି । ଏସ୍‌ଏନ୍‌ସିୟରେ ଛୁଆ । ହେଲେ ବାପାମାଆ ଫୋନ୍ ଉଠାଉ ନାହାନ୍ତି । ତେଣୁ ହରଡଘଣାରେ ପଡ଼ିଛନ୍ତି ମେଡ଼ିକାଲ୍ କର୍ତ୍ତୃପକ୍ଷ । ସବୁଆଡୁ ନିରାଶ ହୋଇ ଏ ସମ୍ପର୍କରେ କମିଶନରେଟ୍ ପୁଲିସ୍‌କୁ ଅବଗତ କରାଇଥିଲା ।

## ଉତ୍ତର ପ୍ରଦେଶରେ ଅଖିଳେଶଙ୍କ ବଡ ଘୋଷଣା: କଂଗ୍ରେସକୁ ଦିଆଯିବ ୧୧ ଲୋକସଭା ଆସନ

ନୂଆଦିଲ୍ଲୀ, ୨୭/୧ : ପଶ୍ଚିମବଙ୍ଗ ଓ ପଞ୍ଜାବରେ ଇଣ୍ଡିଆ ମେଣ୍ଟର ମୁଖ୍ୟ ଦଳ କଂଗ୍ରେସକୁ ଝଟକା ମିଳିବା ପରେ ଏବେ ଉତ୍ତର ପ୍ରଦେଶରୁ ଶୁଭ ଖବର ଆସିଛି । ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳ ସମାଜବାଦୀ ପାର୍ଟି ଓ ରାଷ୍ଟ୍ରୀୟ ଲୋକଦଳ ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇଛି । ଏନେଇ ଅଖିଳେଶ ଯାଦବ କହିଛନ୍ତି କି, ଉତ୍ତର ପ୍ରଦେଶରେ ରାଷ୍ଟ୍ରୀୟ ଲୋକଦଳ ୭ଟି ଆସନରେ ଲଢିବ ଓ ସମାଜବାଦୀ ପାର୍ଟି କଂଗ୍ରେସ ପାଇଁ ୧୧ ଟି ଆସନ ଛାଡିବ । ଏନେଇ କଂଗ୍ରେସ ସହ କଥା ହୋଇଥିବା କଥା ମଧ୍ୟ ଅଖିଳେଶ ଘୋଷଣା କରିଛନ୍ତି । ଅଖିଳେଶ ଯାଦବ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି କି, କଂଗ୍ରେସ ସହ ୧୧ ଟି ମଜବୁତ ଆସନରେ ଆମର ସୌହାର୍ଦ୍ଦପୂର୍ଣ୍ଣ ମେଣ୍ଟ ହେବାକୁ ଯାଉଛି । ଇଣ୍ଡିଆ ମେଣ୍ଟ ଓ ପିଡିଏ ମେଣ୍ଟ ର ରଣନୀତି ଇତିହାସ ବଦଳାଇଦେବ ବୋଲି ସେ କହିଛନ୍ତି । କିଛିଦିନ ତଳେ ସୂତ୍ର ସୂଚନା ମୁତାବକ ଉତ୍ତର ପ୍ରଦେଶର ୮୦ ଆସନ ମଧ୍ୟରୁ କଂଗ୍ରେସ ୨୩ ଟି ଆସନରେ ନିର୍ବାଚନ ଲଢିବ । ସେପଟେ କଂଗ୍ରେସକୁ ୧୧ ଟି ଆସନ ଦେବାକୁ ଅଖିଳେଶ ଯାଦବ ଘୋଷଣା କରିବା ପରେ ରାଜ୍ୟର କଂଗ୍ରେସ ନେତୃତ୍ୱ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହା ଅଖିଳେଶଙ୍କର ଏକତରଫା ନିଷ୍ପତ୍ତି ବୋଲି ରାଜ୍ୟ କଂଗ୍ରେସର ଶୀର୍ଷ ନେତୃତ୍ୱ ମାନେ ଅଭିଯୋଗ କରିଛନ୍ତି ।

## ଆମ ଆଦମୀ ପାର୍ଟିର ସାଂଘାତିକ ଅଭିଯୋଗ: ବିଜେପି ଉପରେ ଅପରେସନ ଲୋଟସ ଅଭିଯୋଗ ଆଣି ପ୍ରମାଣ ଦେଲା ଆପ



ନୂଆଦିଲ୍ଲୀ, ୨୭/୧ : ନିର୍ବାଚନ ତାତି ଭିତରେ ସାଂଘାତିକ ଅଭିଯୋଗ । ବିଜେପି ଉପରେ ଦିଲ୍ଲୀ ସରକାର ଭାଙ୍ଗିବା ଅଭିଯୋଗ ଆଣିଛି ଆମ ଆଦମୀ ପାର୍ଟି । ସୋସିଆଲ ମିଡିଆ ଏକ୍ସରେ ଏକ ଲେଖା ପୋଷ୍ଟ କରି ବିଜେପି ଉପରେ ସିଧାସଳଖ ଅଭିଯୋଗ କରିଛନ୍ତି ଦିଲ୍ଲୀ ମୁଖମନ୍ତ୍ରୀ ଅରବିନ୍ଦ କେଜରିୱାଲ । କେଜ୍ରିୱାଲ କହିଛନ୍ତି---ଦିଲ୍ଲୀରେ ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର କରୁଛି ବିଜେପି । ଆପ ବିଧାୟକଙ୍କୁ କୋଟି କୋଟି ଟଙ୍କାର ଅଫର ଦେଇଛି ଦଳ । ୭ଜଣ ବିଧାୟକଙ୍କୁ ବିଜେପି ୨୫କୋଟି ଟଙ୍କା ଲେଖାଏଁ ଅଫର ଦେଇଛି । ଅନ୍ୟ ୨୧ ବିଧାୟକଙ୍କୁ ଯୋଗାଯୋଗ କରିବାକୁ ପ୍ରୟାସ ଚାଲିଛି । ବିଧାୟକଙ୍କୁ କିଣି ସେମାନଙ୍କ ଟିକେଟ ଦେବାକୁ ଲୋଭ ଦେଖାଉଛି ବିଜେପି । ଆପ ସରକାର ଭାଙ୍ଗି ନିଜ ସରକାର ଗଢ଼ିବାକୁ ବିଜେପି ଅପରେସନ ଲୋଟୋସ ଆରମ୍ଭ କରିଛି । ସରକାର ଭାଙ୍ଗିବା ପାଇଁ ତାଙ୍କୁ ମଧ୍ୟ ଗିରଫ କରାଯାଇପାରେ । ସେପଟେ ସାମ୍ବାଦିକ ସମ୍ମିଳନୀ କରି ବିଜେପି ବିରୋଧରେ ଠୋସ ପ୍ରମାଣ ରଖିଛି ଆମ ଆଦମୀ ପାର୍ଟି । ବିଜେପି ବିଧାୟକଙ୍କ ଫୋନକଲ ରେକର୍ଡ ପ୍ରମାଣ ଆପକୁ ମିଳିଥିବା କହିଛନ୍ତି ଦିଲ୍ଲୀ କ୍ୟାବିନେଟମନ୍ତ୍ରୀ ଅତସୀ ମର୍ଲେନା । ଘଟଣାକୁ ନେଇ ବିଜେପି ଜବାବ ରଖିଛି । ଅଭିଯୋଗକୁ ଖଣ୍ଡନ କରିବା ସହ ଦଳ କହିଛି ଦୁର୍ନୀତିଗ୍ରସ୍ତ ଆପ ସରକାର ନିଜ ଦୋଷ ଓ ଦୁର୍ବଳତାକୁ ଲୁଚାଇବା ପାଇଁ ଏଭଳି ଅପ୍ରଚାର କରୁଛି । ସେପଟେ କଂଗ୍ରେସ କହିଛି ଏହା କିଛି ନୂଆ କଥା ନୁହେଁ ।

# ମାରାଂବୁରୁ ଆଦିବାସୀ ଓ ହରିଜନ ବିକାଶ ଚିଲାକମଞ୍ଚର ବାର୍ଷିକ ଉତ୍ସବ ଓ ଲୋକନୃତ୍ୟ ଅନୁଷ୍ଠିତ

ବାଲେଶ୍ୱର, ୨୭/୧ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ସ୍ଥାନୀୟ ଚାନ୍ଦମାରି ପଡ଼ିଆଠାରେ ଆଦିବାସୀ ଓ ହରିଜନ ବିକାଶ ଲୋକମଞ୍ଚ ପକ୍ଷରୁ ବାର୍ଷିକ ଉତ୍ସବ ଓ ପାରମ୍ପରିକ ଲୋକନୃତ୍ୟ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ଆଦିବାସୀ ଭାଇ ଭଉଣୀମାନେ ଆଦଳ ବଜାଇ ତଳେ ତଳେ ଦଳ ହୋଇ ନାଚ କରିଥିଲେ । ଗତକାଲି ମଧ୍ୟରାତ୍ରରେ ପଡ଼ିଆର ମଧ୍ୟସ୍ଥଳରେ ଏକ ବୃକ୍ଷକୁ ପୋତି ସେମାନେ ପୂଜା କରିଥିଲେ । ବୃକ୍ଷକୁ ଦେବତା ଭାବେ ପୂଜା କରିବା ପରମ୍ପରା ଓ ପ୍ରକୃତିର ଏବଂ ସମାଜ



ଗଠନରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ମଞ୍ଚ ସଂପାଦକ ଭଗବାନ ମୋହନୀ ପ୍ରାରମ୍ଭ ସୂଚନା ଦେବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମଞ୍ଚର କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ ମଞ୍ଚର ପରିଚାଳନା କରିଥିଲେ। ସଭାପତି ଗେଡ଼ା ମୁର୍ମୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୌରାଞ୍ଚଳ ଅଧ୍ୟକ୍ଷା ସବିତା ସାହୁ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ସଦର ବ୍ଲକ ଅଧ୍ୟକ୍ଷା, ସୁନୀତା ବେହେରା, ଆଇନ ଜୀବୀ ବେଣୁଧର ରାଉତ, ତୁଷାରକାନ୍ତି ମହାପାତ୍ର, କାଉନ୍‌ସିଲର ରଂଜିତା ମହାପାତ୍ର, ଦେବାଶିଷ ସିଂ, ଚିତ୍ତରଞ୍ଜନ ପଣ୍ଡା, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ହିମାଂଶୁ ମହାନ୍ତି, ସଂଜୟ ଚୌଧୁରୀ, ବିନୋଦ ବିହାରୀ ପଣ୍ଡା, ଧୀରେନ୍ଦ୍ର ବାରିକ, ମହାନ୍ତି ମାଝୀ, କାହ୍ନୁ ସୋରେନ, ସରସ୍ୱତୀ ପଣ୍ଡା, ଡମ୍ବରୁଧର ପ୍ରଧାନ, ରଜତ ପରିଡ଼ା, ସଂଯୁକ୍ତା ବେହେରା, ସୁରଜ ବିଶ୍ୱାଳ, ସନ୍ତୋଷ ସେନ, ସୁଧୀର ଦାସ, ସୁବ୍ରତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଧାୟକ ଶ୍ରୀ ପରିଡ଼ା ୨୫ ତାରିଖରେ ଅନୁଷ୍ଠିତ ଫୁଟବଲର ଖେଳର ଟିମ୍‌କୁ ପୁରସ୍କୃତ କରିଥିଲେ ।

# ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ : ମୁକ୍ତିର ଆନନ୍ଦ କାର୍ଯ୍ୟକ୍ରମ

ବେତନଟୀ , ୨୭/୧ (ନି.ପ୍ର): ବେତନଟୀ ଜାତୀୟ ଦିବସ ପାଳନ କମିଟୀ ପକ୍ଷରୁ ବେତନଟୀ ଏମ ପି ସି ହାଇସ୍କୁଲ ପଡିଆଠାରେ ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କମିଟୀ ସଭାପତି ଜୟନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଜନୀକାନ୍ତ ବିଶ୍ୱାଳ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ନିଜର ଅଭିଭାଷଣ ରଖିଥିଲେ । ଏହାପରେ ମୁକ୍ତିର ଆନନ୍ଦ କାର୍ଯ୍ୟକ୍ରମରେ ପିଞ୍ଜରାରେ ରହିଥିବା ପାରାମାନଙ୍କୁ ଆକାଶକୁ ଛଡ଼ାଯିବ ସହିତ ଆକାଶ ଛତା ଛଡା ଯାଇଥିଲା । ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ୟାରେଡ଼ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ହୋଇଥିବା ପ୍ରତିଯୋଗିତାଗୁଡିକ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ଅବସରପ୍ରାପ୍ତ ସେନା ଅଧିକାରୀ ଡମ୍ବରୁଧର ନାୟକ, ଏମ ପି ସି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ସମ୍ପାଦକ ପ୍ରଦୀପ ମହାପାତ୍ର ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସର୍ବଶେଷରେ ପିରାମିଡ଼ ଓ ନୃତ୍ୟ ପରି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜାତୀୟ ଦିବସ ପାଳନ କମିଟୀର ସମସ୍ତ ସଦସ୍ୟ ସହିତ ପଦ୍ମମାଳି ମହିଳା ସଂଗଠନର ସମସ୍ତ ସଦସ୍ୟାମାନେ ସମସ୍ତେ ମିଶି ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରଥିଲେ ।

# ରାଜ୍ୟସ୍ତରୀୟ 'ସାଳନ୍ଦୀ ସାହିତ୍ୟ ସଙ୍ଗମ' ଉଦ୍‌ଘାଟିତ

ଭଦ୍ରକ , ୨୭/୧ (ନି.ପ୍ର): ଭଦ୍ରକ ଶହୀଦ ସ୍ମୃତି ଭବନ ଠାରେ ୨୭ ଓ ୨୮ ଦୁଇଦିନ ବ୍ୟାପି ଜଣାଶୁଣା ପୁସ୍ତକ ପ୍ରକାଶନୀ ସଂସ୍ଥା ଟାଇମପାସ୍, ଭୁବନେଶ୍ୱର ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ 'ସାଳନ୍ଦୀ ସାହିତ୍ୟ ସଙ୍ଗମ' ଆଜି ଉଦ୍‌ଘାଟିତ ହୋଇଯାଇଛି । ସାଇ ନୃତ୍ୟ ଏକାଡେମୀର କୁନିକୁନି ପିଲାମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ନଡ଼ିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ ମୁଖ୍ୟ ଅତିଥି କଥାଶିଳ୍ପୀ ରାମଚନ୍ଦ୍ର ବେହେରା । ଏହାପରେ ଆୟୋଜକ ସରୋଜ ବଳ ଏହି କାର୍ଯ୍ୟକ୍ରମ ବିଷୟରେ ସମ୍ୟକ ସୂଚନା ଦେଇଥିଲେ ଏବଂ ସଭାପତି ପବିତ୍ର ପାଣିଗ୍ରାହୀ ସ୍ୱାଗତ ସଂଭାଷଣ ରଖିଥିଲେ ଓ ଉଦ୍‌ଘାଟକ ଶ୍ରୀ ବେହେରାଙ୍କ ସହ ତାଙ୍କ ଗଳ୍ପ ଓ ଜୀବନ ଉପରେ ଆଲୋଚନା କରିଥିଲେ ।




କଥାକାର ପ୍ରାଚୀ ତାରା ମଂଚରେ ରାମଚନ୍ଦ୍ର ବେହେରାଙ୍କ 'ଗେଣ୍ଡା' ଗଳ୍ପର ନାଟ୍ୟରୂପ ପରିବେଷଣ କରିଥିଲେ । ଗାଳ୍ପିକା ହିରଣ୍ମୟୀ ମିଶ୍ରଙ୍କ ସଂଯୋଜନାରେ ଗପ ପଛର ଗପ ବିଷୟରେ ଚର୍ଚ୍ଚା କରିଥିଲେ ବିୟତପ୍ରଜ୍ଞା ତ୍ରିପାଠୀ, ଦେବବ୍ରତ ଦାସ, ଗଙ୍ଗାଧର ବିଶ୍ୱାଳ, ସ୍ୱାଗତିକା ସ୍ୱାଇଁ ଆଦି ଗାଳ୍ପିକମାନେ ଏବଂ ଡ. ରାଧା ବିନୋଦ ନାୟକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଜ୍ଞାନୀ ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ନଦୀ ଉପରେ କବିତାପାଠ କରିଥିଲେ ନର୍ମଦା ନୀଲୋତ୍ପଳା, ଐଶ୍ୱର୍ଯ୍ୟା ରାଉତ, ତପନ ମହାପାତ୍ର, ମନୋରମା ରାୟ, ପ୍ରସନ୍ନ କୁମାର ସ୍ୱାଇଁ, ଶ୍ରୀଦେବ ଆଦି କବିଗଣ ଏବଂ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଡ. ରାଧାରାଣୀ ମହାପାତ୍ର । ଏହାପରେ କବି ଚିତ୍ତରଞ୍ଜନ ନାୟକଙ୍କ ସଂଯୋଜନାରେ ଡ. ଅପର୍ଣ୍ଣା ମହାନ୍ତି, ମନୋଜ ଭୋଳ, ଅମୂଲ୍ୟ ସେନାପତି, ଅବଦୁଲ ଦୟାନ, ବିପ୍ଳବ ରଂଜନ ପତି, ନବଜ୍ୟୋତି ରାୟ ଆଦି କବିଗଣ ମାଟି ଉପରେ କବିତାପାଠ କରିଥିଲେ ଏବଂ ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ମଧ୍ୟାହ୍ନ ଭୋଜନ ପରେ ବରି ଗୀତିକାର ମୋହିତ ଚକ୍ରବର୍ତ୍ତୀଙ୍କ ସଂଯୋଜନାରେ ଜଣାଶୁଣା କଣ୍ଠଶିଳ୍ପୀ ସୁସ୍ମିତା ଦାସ ଓ ଗୀତିକାର ଓମ୍‌ପ୍ରକାଶ ମହାନ୍ତିଙ୍କ ସହ ଗୀତ ଓ ସଙ୍ଗୀତ ବିଷୟରେ ଆଲୋଚନା କରିଥିଲେ ଏବଂ ବରି ପ୍ରାବନ୍ଧିକ ବାସୁଦେବ ବାରିକ ସଭିଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରଣୟ ସୁଧାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ଅଂଶଗ୍ରହଣ କରିଥିଲେ ପ୍ରଶାନ୍ତ ଦାଶ, ରବି କୁମାର ମହାନ୍ତି, ମାନସ ପଣ୍ଡା, ଶୁଭଶ୍ରୀ ଲେଙ୍କା, ପ୍ରଜ୍ଞାଶ୍ରୀ ରଥ, ପ୍ରୀତିପଦ୍ମା ପଣ୍ଡା, ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏବଂ ଉପଦେଷ୍ଟା ଝରଣା ପଟ୍ଟନାୟକ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦନା କରିଥିଲେ ।

କବି ଚିତ୍ତରଞ୍ଜନ ନାୟକଙ୍କ ୪ର୍ଥ କବିତା ସଂକଳନ, 'ଲିଜା ମିଶ୍ର ଓ ଅନ୍ୟାନ୍ୟ କବିତା' ଉନ୍ମୋଚିତ ହୋଇଥିଲା । ସ୍ମିତ ମିଶ୍ରଙ୍କ ଦ୍ୱାରା ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଗିଲ୍ଟ' ପ୍ରିମିୟର୍ ହୋଇଥିଲା । ପ୍ରିମିୟର୍ ପରେ ଉପସ୍ଥିତ କଳାକାର ଅଂଶ, ପ୍ରସନଜିତ ମହାପାତ୍ର, ପ୍ରତ୍ୟାଶା ରାୟ ଓ ନିର୍ଦ୍ଦେଶକ ସ୍ମିତ ପଟ୍ଟନାୟକ ସହିତ ଆଲୋଚନା କରିଥିଲେ ଗୀତିକାର ସୁମିତ ପଣ୍ଡା। ଗୀତିକାର ବିଜୟ ମଲ୍ଲ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଅଭିମନ୍ୟୁ ସେଠୀ ଓ ସାବିତ୍ରୀ ସେଠୀଙ୍କୁ ସାହିତ୍ୟ ସଖା ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ସାହିତ୍ୟପ୍ରେମୀ ଅରୁଣ ଖିଲାର । ବିରାଜ ରଥଙ୍କ ଦ୍ୱାରା ନିର୍ମିତ ଗୀତାଭିନିତ ନାଟକ ଅଭିସାର, ଓଡ଼ିଶାର ଜଣାଶୁଣା କବିମାନଙ୍କର କବିତାକୁ ନେଇ ସରୋଜ ବଳଙ୍କ ଦ୍ୱାରା ପ୍ରସ୍ତୁତ 'ଉଚ୍ଚାରଣ'ର କିଛି ଭାଗ ପ୍ରଦର୍ଶିତ ହୋଇଥିଲା । ଗୀତିକାର ପଞ୍ଚାନନ ନାୟକ, ଶରତ ନାୟକ, ଅର୍ପିତା ପତି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ସୁବାସ ରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଭିନ୍ନ ସ୍ୱାଦର ସାହିତ୍ୟ, କଳା ଓ ସାଂସ୍କୃତିକ ମହୋତ୍ସବର ନିଆରା ଢଙ୍ଗ ଅତି ଅଭିନବ ଓ ଗ୍ରହଣୀୟ ହେବ ବୋଲି ଅନୁ ।ନର ସଭାପତି ପବିତ୍ର ପାଣିଗ୍ରାହୀ ଆଶା ବ୍ୟକ୍ତ କରିଛନ୍ତି । ଆଗକୁ ଏମିତି କାର୍ଯ୍ୟକ୍ରମ ନୂଆ ପୀଢ଼ିଙ୍କୁ ଉତ୍ସାହିତ କରିବ ବୋଲି ମତ ଦେଇଛନ୍ତି ଆୟୋଜ ସରୋଜ ବଳ । ଅନ୍ୟମାନଙ୍କ ମଧ୍ୟରେ ପତିପତାବନ ପାଣି, ଡ. ବିକାଶ ନାରାୟଣ ନନ୍ଦ, ସଂଗ୍ରାମକେଶରୀ ସେନାପତି, ଅନ୍ତର୍ଯାମୀ ମହାରଣା, ସୌମ୍ୟଶ୍ରୀ ପାଣିଗ୍ରାହୀ, ଆଶିଷ ମିଶ୍ର, ସତ୍ୟବ୍ରତ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପାରାଦୀପ ବନ୍ଦର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ, ୨୭/୧ (ନି.ପ୍ର): ୭୫ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ମହା ସମାରୋହ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଜାତୀୟ ପତାକା ତ୍ତୋଳନ କରିବା ସହିତ ମିଳିତ ପ୍ୟାରେଡ୍ରେର ଅଭିବାଦନ ଗ୍ରହଣ କରିଥିଲେ। ପାରାଦୀପ ବନ୍ଦର ଦେଶର ସାମୁଦ୍ରିକ ବ୍ୟବସାୟରେ ପ୍ରମୁଖ ବନ୍ଦର ଭାବେ ଉଭା ହୋଇଛି। ସେଥି ପାଇଁ ୨୦୨୩ ମସିହା ପାଇଁ ସାଗର ଶ୍ରେଷ୍ଠ ସମ୍ମାନ ହାସଲ କରିପାରିଛି ବୋଲି ମୁଖ୍ୟଅତିଥି ଶ୍ରୀ ହରନାଦ କହିଥିଲେ। ପଣ୍ୟକାରବାର କ୍ଷେତ୍ରରେ ପାରାଦୀପ ଦେଶର ଅନ୍ୟ ବନ୍ଦରମାନଙ୍କ ତୁଳନାରେ ବହୁ ଆଗରେ ରହିଛି। ମାତ୍ର ୨୬୨ ଦିନରେ ୧୦୦ ଏମଏମଟି ପଣ୍ୟ କାରବାର କରି ପାରାଦୀପ ବନ୍ଦର ଏକ ଉଦାହରଣ ସୃଷ୍ଟି କରିପାରିଛି। ମେରାଟାଇମ୍ ଭିଜନ-୨୦୩୦ ଅଧିନରେ ପାରାଦୀପ ବନ୍ଦର ବିଶ୍ୱସ୍ତରୀୟ ସଫଳ ବନ୍ଦର ହୋଇ ୨୦୩୦ ମସିହା ବେଳକୁ ୪୦୦ ଏମଏମଟି ପଣ୍ୟ କାରବାର କରି ପାରିବାର ଦକ୍ଷତା ପ୍ରତିପାଦିତ କରିବ ବୋଲି ଦୃଢ ଆଶାବ୍ୟକ୍ତ କରିଥିଲେ,ପିପିଏ ଆଇରନ୍ ଓର ହ୍ୟାଣ୍ଡଲିଂ ପ୍ଲାଣ୍ଟର ନୂତନ କଣ୍ଟ୍ରୋଲ୍ ରୁମ୍ ଏବଂ ସିଏସ୍ଏଫ୍ ର ନୂତନ ଦକ୍ଷତା ବିକାଶ କେନ୍ଦ୍ରର ଉଦଘାଟନ କରିଥିଲେ ଶ୍ରୀ ହରନାଦ। ଏହା ପରେ ଶ୍ରୀ ହରନାଦ୍ ସ୍ଥାନୀୟ ବିଦ୍ୟାଳୟର ଶିଶୁ ଓ ଅଧିକାରୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସି.ଆ.ଏସ.ଏଫ ପାରାଦ୍ୱୀପ ୟୁନିଟ ଦ୍ୱାରା ଚମତ୍କାର କୁକୁର ଶୋ ଏବଂ ଫାୟାର ଡ୍ରିଲ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ବନ୍ଦରର ପି.ଡବ୍ଲୁ.ଡ଼ି ବିଭାଗ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଅଫିସର କ୍ଲବରେ ଜଗନ୍ନାଥ ଲଳିତ କାଳା ଦ୍ୱାରା କବି ସମିଳନୀ ଅନୁଷ୍ଠିତ ହେଇଥିଲା



ଏବଂ ସନ୍ଧ୍ୟାରେ ଜୟଦେବ ସଦନରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଦେଶଭକ୍ତି ଥିମ୍ ଉପରେ ଆନ୍ତ - ବିଦ୍ୟାଳୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ସୀତାରାମ ଯୁବକ ସଂଘ ତରଫରୁ ସାଧାରଣତନ୍ତ୍ର ଦିବସରେ ଝୁମିଲେ ଛାତ୍ରଛାତ୍ରୀ

ନୀଳଗିରି, ୨୭/୧ (ନି.ପ୍ର): ନୀଳଗିରି ଉପଖଣ୍ଡର ବଣସୀମା ଅଞ୍ଚଳର ଗରଡିହୀ ପଞ୍ଚାୟତରେ ଥିବା ଅଗଣିତ ଛାତ୍ରଛାତ୍ରୀଙ୍କୁ ନେଇ ସୀତାରାମ ଯୁବକ ସଂଘ ୭୫ ତମ ସାଧାରଣତନ୍ତ୍ର ଦିବସ ବେଶ ଧୁମ୍ ଧାମରେ ପାଳନ କରିଛି। ପଞ୍ଚାୟତ ଅଧିନରେ ଥିବା ସମସ୍ତ ବିଦ୍ୟାଳୟରେ ଥିବା କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ନେଇ କଳାକାଦ ପଡିଆଠାରେ ପ୍ରାତଃ ସମୟରେ ପ୍ୟାରେଡ୍ ସହିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଳାକାଦ, ଗରଡିହୀ, ଆମ୍ବଝର, ଟିଆକଟା, ବାଲିଚୁଆ, ଚେକାମରା, ବାଙ୍କିସାହୀ,କୁଞ୍ଜିବଣିଆଁ, ଅଂଳାପାଳ ଆଦି ୧୨ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ହୋଇଥିଲେ। ଏହି ଗଣପର୍ବ ଦିବସରେ ବରହମପୁର ଥାନାର ଏଏସଆଇ ସସ୍ମିତା ପାଣିଗ୍ରାହୀ, ଗୋହିରା ଉଚ୍ଚ ବିଦ୍ୟାଳୟର ପିଇଟି ଶିକ୍ଷକ ଗଣେଶ୍ୱର ଆରୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ



କରିଥିଲେ। ତତ୍ପରେ ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ବକ୍ତୃତା, ଏକକ ଅଭିନୟ ପ୍ରଭୃତି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷଣୀୟ ଓ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକ ଉପସ୍ଥାପନ କରାଯାଇଥିଲା। ଯାହାକି 'ଡିଜିଟାଲ ଯୁଗର ମୋବାଇଲ ଯାତରା' ଉପରେ ଆଧାରିତ କାହାଣୀକୁ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କ ଉପରେ ବେଶ ପ୍ରଭାବ ପ୍ରକାଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଧ୍ୟାକାଳୀନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ସମେତ ଗରଡିହୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ହୋତା ଏବଂ ସିଆରସିସି ସାବିତ୍ରୀ ସିଂ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ଉକ୍ତ ଦିବସ କାର୍ଯ୍ୟକ୍ରମକୁ କଳାକାଦ ବିଦ୍ୟାଳୟର ଶିକ୍ଷକ ସୂର୍ଯ୍ୟା ମାଝୀ ସଭାପତିତ୍ୱ କରିଥିବା ବେଳେ ସୀତାରାମ ଯୁବକ ସଂଘର କର୍ମକର୍ତ୍ତା ପ୍ରବୀଣ ସାମଲ,ସୁଜିତ୍ ସାହୁ, ଧର୍ମଜିତ୍ ନାୟକ, ଅଜିତ୍ କୁମାର ସ, ବିଶ୍ୱଜିତ୍? ନାୟକ, ଅରଜିତ୍? ବେହେରାଙ୍କ ସମେତ ସଂଘର ସଦସ୍ୟଗଣ ଉପସ୍ଥିତ ରହି ସହଯୋଗ କରି ଗଣପର୍ବକୁ ସାଫଲ୍ୟ କରିଥିଲେ।

# ପାରାଦୀପ ଫସଫେଟ୍ସ ଲିମିଟେଡରେ ୭୫ ତମ ଗଣତନ୍ତ୍ର ଦିବସ

ପାରାଦୀପ, ୨୭/୧ (ନି.ପ୍ର): ପାରାଦୀପ ଫସଫେଟ୍ସ ଲିମିଟେଡ୍ ରେ ୭୫ ତମ ଗଣତନ୍ତ୍ର ଦିବସକୁ ଦେଶପ୍ରେମୀ ସ୍ୱାଦ ସହିତ ପାଳନ କରିଥିଲା । ପାରାଦୀପରେ ଥିବା ପ୍ଲାଣ୍ଟ ଟାଉନସିପ୍ର ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉତ୍ପାଦନ ଅଧିକାରୀ ତଥା ୟୁନିଟ୍ ହେଡ୍ ଶ୍ରୀ ପଲାନିସାମି ଭେଲୁସାମି ଜାତୀୟ ପତାକା ଉତ୍ତୋଳନ କରି କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ଭାଷଣରେ ସେ ପରିବେଶ, ନିରାପତ୍ତା ପରିଚାଳନାରେ ଉତ୍କର୍ଷତା ହାସଲ କରିବାରେ ପିପିଏଲ୍ର ସାମଗ୍ରିକ ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ଉତ୍ପାଦନ ସଂଖ୍ୟା ଏବଂ ବିସ୍ତାର, ଖାଦ୍ୟ ସୁରକ୍ଷା ଏବଂ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବାରେ ପିପିଏଲ୍ର ର ଏକ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ ।ଏହି ପ୍ୟାରେଡ୍ର ରେ ମୁଖ୍ୟ (ସୁରକ୍ଷା ଏବଂ ଟାଉନ୍ ଆଡମିନିଷ୍ଟ୍ରେସନ୍) ଶ୍ରୀ ଅରୁଣ କାଣ୍ଟି



ଆଚାର୍ଯ୍ୟ, ସୁମିତ ସେନାପତି, ସିଜିଏମ୍ (ଏଚ୍ଆର୍ ଏବଂ ଆଇଆର) ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଗ୍ରିଆ ମହୋତ୍ସବ ୨୦୨୪ ଉଦ୍‌ଘାଟିତ

ବେତନଟୀ , ୨୭/୧ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ଠାରେ ବୀଣାପାଣି ଯୁବକ ସଂଘ ଦ୍ୱାରା ଆୟୋଜିତ ୨୧ ତମ ଆଗ୍ରିଆ ମହୋତ୍ସବ ୨୦୨୪ ଉଦଘାଟିତ ହୋଇଯାଇଛି। ଏହି ମହୋତ୍ସବ କୁ ମୁଖ୍ୟ ଅତିଥି ଭାବରେ ଆଗ୍ରିଆ ସରପଞ୍ଚ ମିନତୀ ସିଂ ଯୋଗ ଦେଇ ଉଦଘାଟନ କରିଥିଲେ । ଏହି ମହୋତ୍ସବ କୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସହିତ ରାଜ୍ୟ ର ବିଭିନ୍ନ ଜିଲ୍ଲାରୁ ଶିଶୁ କଳାକାର , ଯୁବ ପ୍ରତିଯୋଗୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କୁ ନେଇ ବିଭନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତରଫରୁ ଏକ ପେଟେଣ୍ଟ ମେଡିସିନ ନାମକ ଡ୍ରାମା ସହିତ ସମାଜକୁ ଶିକ୍ଷା ଦେବାଭଳି ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘ ର ସଭାପତି ଶିବନାରାୟଣ ଘୋଷ, ସଂପାଦକ ଜୀବନ ପରିଡ଼ା,ଉପ ସଭାପତି ଜିତେନ୍ଦ୍ର ପରିଡ଼ା,ସହ ସଂପାଦକ ପ୍ରକାଶ ଜ୍ୟୋତି ପ୍ରଧାନ କୋଷାଧ୍ୟକ୍ଷ ରଞ୍ଜନ ପରିଡା, ଚନ୍ଦନ ଦାସ,ବ୍ରହ୍ମାନନ୍ଦ ପରିଡ଼ା, ଶ୍ରୀଧର ଦେହୁରୀ, ଇନ୍ଦ୍ରଜିତ ଓଝା, ହିମାଂଶୁ ପଣ୍ଡିତ,ତରଣୀ ପଣ୍ଡିତ,ଦିଲ୍ଲିପ ମହାନ୍ତି,ପ୍ରମୋଦ ନାୟକ, ବୀରକିଶୋର ବିଶ୍ୱାଳ,ସୁମନ୍ତ ପରିଡ଼ା,ହରିଶ ପ୍ରଧାନ, ବୈଦ୍ୟନାଥ ସିଂ, ଚନ୍ଦନ ପରିଡ଼ା ପ୍ରମୁଖ ସୂଚାରୁ ରୂପେ ଦାଇତ୍ୱ ସମ୍ପାଦନ କରୁଛନ୍ତି। ଏହି ମହୋତ୍ସବ ରେ ଆସନ୍ତା କାଲି ସମ୍ବାଦ ଓ ଆମ ଓଡ଼ିଶା ମିଳିତ ସହଯୋଗ ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସକାଳ ୧୦ ଟା ରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ବାଲେଶ୍ୱର ସରକାରୀ ଶିକ୍ଷକ-ଶିକ୍ଷା ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଆଲୋଚନାଚକ୍ର

ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ସହରସ୍ଥିତ ସରକାରୀ ଶିକ୍ଷକ-ଶିକ୍ଷା ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ତଥା ଆଲୋଚନାଚକ୍ରର ଶୁଭ ଉଦ୍‌ଘାଟନ ଗତ ୨୪ ତାରିଖ ଅପରାହ୍ନରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ "ଜଗନ୍ନାଥ ସଂସ୍କୃତି ତଥା ଓଡ଼ିଆ ଭାଷା ଓ ସଂସ୍କୃତି ସମ୍ବନ୍ଧୀୟ ଚର୍ଚ୍ଚା" ଶୀର୍ଷକରେ କବି ପ୍ରଶାନ୍ତ ଦାସ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି କାଳୀପଦ ପଣ୍ଡା ବରେଣ୍ୟ ଅତିଥି ଭାବେ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜଗନ୍ନାଥ ସଂସ୍କୃତି ବିଶ୍ୱବାସୀଙ୍କୁ ସବୁବେଳେ ଆକର୍ଷିତ କରିଆସିଛି ଏବଂ ଓଡ଼ିଆ ଭାଷାର ପ୍ରାଚୀନତା ଓ ଏହାର ବିପୁଳ ସାହିତ୍ୟ ଭଣ୍ଡାର ସର୍ବୋପରି ଏ ଜାତିର ସଂଗ୍ରାମୀ ବୀରପୁରୁଷମାନଙ୍କର ତ୍ୟାଗ, ତପସ୍ୟା ଓ ବଳିଦାନ ଏ ଜାତିକୁ ବିଶ୍ୱଦରବାରେ ସ୍ୱତନ୍ତ୍ର ଭାବେ ପରିଚିତ କରାଇବାରେ ସଫଳ ହୋଇଛି। ଏଣୁ ଓଡ଼ିଆ ଜାତିର ପୁଅଝିଅ ଭାବେ ଆମେ ସଦାବେଳେ ଗର୍ଭ ଅନୁଭବ କରିବାର ଉଚିତ ବୋଲି ଉଭୟ ବକ୍ତା ମତପୋଷଣ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଧ୍ୟାପିକା ତଥା ବିଭାଗୀୟ ଅଧିକାରୀ ବର୍ଷା ବର୍ଣ୍ଣାଳୀ ପାତ୍ର ନୂଆ-ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଗୁରୁତ୍ୱ ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନର ପୃଷ୍ଠଭୂମି ଉପସ୍ଥାପନ କରିଥିଲେ। ଓଡ଼ିଆରେ ବିଭିନ୍ନ ବିଭାଗରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତା ସମ୍ପର୍କରେ ସେ ସୂଚନା ଦେଇଥିଲେ। କାର୍ଯକ୍ରମକୁ ଅନୁଷ୍ଠାନର ପ୍ରାଧ୍ୟାପିକା ଇତିଶ୍ରୀ ବହଳି, ଡ. କାନ୍ତି ସେଠୀ, ଡ. ନିବେଦିତା ଦାଶ, ଡ. ସୂଚିଲିସ୍ମା ଦାଶ, ଜୟମାଳା ସେଠୀ, ସହକାରୀ ପ୍ରାଧ୍ୟାପକ ଡ. କୁଳମଣି ସାହୁ, ଡ. ବିଜୟ କୁମାର ସ୍ୱାଇଁ, କଳାଶିକ୍ଷକ ସଂଗ୍ରାମ କେଶରୀ କର, ଖେଳଶିକ୍ଷକ ପ୍ରଦୀପ କୁମାର ଦାସ ତଥା ଅନୁଷ୍ଠାନ କର୍ମକର୍ତ୍ତା ଅନୀଲ କୁମାର ଗିରି ପ୍ରମୁଖ ପରିଚାଳନରେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷାରତ ପ୍ରଥମ ଓ ଦ୍ୱିତୀୟବର୍ଷର ଗୁରୁ-ଛାତ୍ରଛାତ୍ରୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୩୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଆପଣ ରାଜପ୍ରାସାଦରୁ ଗୋଡ଼ ରାଜଦାଣ୍ଡକୁ ପକାଇବା ପୂର୍ବରୁ ମୋର ଦେହାନ୍ତ ଖବର ପାଇ ଫେରି ଆସିବେ ମୋର ଶବସତ୍କାର କରିବାକୁ ।

ଭୋ... ଭୋ... ହୋଇ କାନ୍ଦିଉଠି ମୋ ସ୍ୱାମୀ କହିଥିଲେ, ଏମିତି ଅବୁଝା ହୁଅନା ଦେବୀ । ତୁମେ ଏମିତି ହେଲେ ସବୁ ଅନର୍ଥ ଘଟିବ । ତୁମେ ଜାଣ ସୀତେ ! ସୁନ୍ଦରୀ ସ୍ତ୍ରୀ ସବୁବେଳେ ବିପଦର କାରଣ । ତୁମକୁ ସଂଗରେ ନେଇ ଗଲେ, ଅରଣ୍ୟରେ ରହୁଥିବା ଅସୁରମାନେ ତୁମକୁ ଦେଖିଲେ ଗୋଲକରି ତୁମକୁ ମୋ ଠାରୁ ଛଡ଼ାଇ ନେଇଯିବେ। ସେତେବେଳେ ଅରଣ୍ୟରେ ମୁଁ କ’ଣ କରିବି ?

ସେ ବାହାନା କରନ୍ତୁ ନାହିଁ ସ୍ୱାମୀ । ମୁଁ ଜାଣିଛି ମୋ ସ୍ୱାମୀ କିଏ ? ମୁଁ ଜାଣିଛି ମୋ ସ୍ୱାମୀଙ୍କ ହସ୍ତରେ ଥିବା ଧନୁର୍ବାଣ କ’ଣ କରିପାରେ । ମୋତେ ଅରଣ୍ୟବାସିନୀ ରୂପରେ ସଜାଇ ଆପଣଙ୍କ ସହିତ ଏ ଅଯୋଧ୍ୟା ପୁରୀରୁ ନେଇଯାଆନ୍ତୁ ତାହାନହେଲେ ମୁଁ ଆପଣଙ୍କ ନାମରେ ଶପଥ କରି କହୁଛି, ଏ ପାପ ଶରୀରକୁ ମୁଁ ତ୍ୟାଗ କରିଦେବି ।

ନାଁ ସୀତା ନାଁ ତୁମେ ସେପରି କୁହନା । ମୁଁ ଭାବିଥିଲି ତୁମ ହାତରେ ମୋର ବୃଦ୍ଧ ପିତା ତଥା ମୋର ମାତାମାନଙ୍କୁ ସମର୍ପଣ କରିଦେଇ, ମୁଁ ସ୍ୱଚ୍ଛନ୍ଦରେ ବନବାସର ଜୀବନ ବିତାଇ ଚଉଦବର୍ଷ ପରେ ଫେରି ଆସିଥା’ନ୍ତି ।

ପିତା ମାତାଙ୍କର ସେବାଯତ୍ନ ନେବାପାଇଁ ମୋ ଭଉଣୀ ମାଣ୍ଡବୀ, ଉର୍ମିଳା, ଶ୍ରୁତକୀର୍ତ୍ତି ଅଛନ୍ତି । ସେମାନେ ଅତି ଯତ୍ନରେ ପିତାମାତାଙ୍କ ସେବା କରିବେ । ସେଥିରେ ତିଳେମାତ୍ର ସେମାନେ ଊଣା କରିବେ ନାହିଁ । ଆପଣ ଯଦି ସୀତାକୁ ସ୍ୱଦେହରେ ଦେଖିବାକୁ ଚାହାଁନ୍ତି, ତାହେଲେ ମୋତେ ସଂଗରେ ନେଇ ଚାଲନ୍ତୁ, ନୋହିଲେ...

ମୋ କପାଳରେ ହସ୍ତ ସଂଚାଳନ କରୁକରୁ ମୋ ସ୍ୱାମୀ କହିଥିଲେ, ତୁମ ଯୁକ୍ତି ଅକାଟ୍ୟ ସୀତା । ତୁମକୁ ସାଥୀରେ ନେବାପାଇଁ ମୁଁ କୁଣ୍ଠାବୋଧ କରିବି ନାହିଁ । ମୋର ପିତାମାତା ଯଦି ଆଦେଶ ପ୍ରଦାନ କରନ୍ତି, ତାହେଲେ ମୁଁ ତୁମକୁ ସଂଗରେ ବନକୁ ନେଇଯିବି । ସ୍ୱାମୀଙ୍କ ତୁଣ୍ଡରୁ ଏହି ପଦକ କଥା ଶୁଣି ମୁଁ କହିଥିଲି ଆପଣଙ୍କ ଆଦେଶ ମୋର ଶିରୋଧାର୍ଯ୍ୟ । ମୁଁ ଜାଣେ ମୋ ଶଶୁର କିମ୍ବା ଶାଶୁ କେହି ମୋର ଗତିପଥରେ ବାଧା ଦେବେନାହିଁ । ସେମାନଙ୍କ ଠାରୁ ଆଜ୍ଞା ପାଇଲେ ମୁଁ ଆପଣଙ୍କ ସହ ବନଯାତ୍ରା କରିବି ।

ମୋ ତୁଣ୍ଡରୁ କଥା ନସରୁଣୁ ମୋ ସ୍ୱାମୀ କହିଥିଲେ, ସୀତେ ! ଚଉଦବର୍ଷ ବନଯାତ୍ରା । ଗୋଟାଏ ସ୍ଥାନରେ ରହିବା ଆମ ପକ୍ଷରେ ସମ୍ଭବ ନୁହେଁ । ଆର୍ଯ୍ୟାବର୍ତ୍ତର ସମସ୍ତ ସ୍ଥାନ ଭ୍ରମଣର ସୁଯୋଗ ବିଧାତା ମୋତେ ଦେଇଛନ୍ତି । ରାମ ରାଜା ହୋଇଥିଲେ ଏହା କେବେ ସମ୍ଭବ ହୋଇ ନଥା’ନ୍ତା । ମୁଁ ସିନା ଘଞ୍ଚ ଅରଣ୍ୟ, ପାହାଡ଼, ପର୍ବତ, ନଦୀ, ପାରାବାର ଲଂଘନ କରିବାର କଷ୍ଟକୁ ସହ୍ୟ କରିପାରିବି, ତୁମଭଳି କୋମଳାଂଗୀ, ଶିରୀଷ ମୃଦୁଳା, ଲବଣୀ ପିତୁଳା କ’ଣ ଏତେ କଷ୍ଟ ସହ୍ୟ କରିପାରିବ ଦେବୀ ? ମୋ କଥା ରଖ ଦେବୀ । ଅଯୋଧ୍ୟା ରାଜପ୍ରାସାଦରୁ ପାଦ ନକାଢ଼ି...

ନାଁ ସ୍ୱାମୀ ନାଁ । ଆପଣ ଆଉ ସେ କଥା କୁହନ୍ତୁ ନାହିଁ । ମୋ ସ୍ୱାମୀଙ୍କର ପ୍ରେମ, ସ୍ନେହ, ଶ୍ରଦ୍ଧା, ଭଲପାଇବା ମୋ ପାଇଁ ଅରଣ୍ୟର କଣ୍ଟକିତ ଦନ୍ତୁରିତ ରାସ୍ତାକୁ ଫୁଲଶଯ୍ୟାର ରୂପ ଦେଇଦେବ । ମୋ ସ୍ୱାମୀଙ୍କ ହାତ ଧରି ମୁଁ ସବୁ ଦୁଃଖ କଷ୍ଟକୁ ହସିହସିବରଣ କରିନେବି । ଆପଣ ଦେଖିବେ ଚଉଦବର୍ଷ ଭିତରେ ଗୋଟାଏ ଦିନ ବି ସୀତା କହି ନଥିବ, ‘ସ୍ୱାମୀ ବନଯାତ୍ରାର ଦୁଃଖ ମୋତେ ଅସହ୍ୟ ହେଉଛି ।’

ମିଥିଳାର ରାଜକନ୍ୟା, ଯିଏ ଫୁଲପରି ତାର ବାଲ୍ୟ କୈଶୋର କାଳକୁ ମିଥିଳାରେ କଟାଇଛି, ଦିନଟିଏ ବିନ୍ଦୁଏ ଅଶ୍ରୁ ଯେଉଁ ପିତା ତାଙ୍କ ପୁତ୍ରୀ ଆଖିରେ ଦେଖିନାହାନ୍ତି, ସେ ପିତା ଯେତେବେଳେ ତୁମ ବନଗମନ ଖବର ପାଇବେ, ସେ କ’ଣ ଭାବିବେ ମୋତେ ? କ’ଣ ଭାବିବେ ମୋ ପିତାମାତାଙ୍କୁ ?

ତାଙ୍କ କଥା ଶୁଣି ମୁଁ କହିଥିଲି ସ୍ୱାମୀ, ଆପଣ ମୋ ପିତାଙ୍କୁ ଜାଣନ୍ତି ନାହିଁ । ସେ ପ୍ରଥମେ ଋଷି, ତାପରେ ରାଜା । ପିତା ହୋଇ ମୋତେ ପତିଧର୍ମ ସମ୍ପର୍କରେ ଯେଉଁ ଶିକ୍ଷା ଦେଇଛନ୍ତି ସେ ଶିକ୍ଷା ମୋ ମାତା ମଧ୍ୟ ଦେଇନାହାନ୍ତି । ମୁଁ ଭଲଭାବରେ ମୋ ପିତାଙ୍କୁ ଜାଣିଛି ସ୍ୱାମୀ । ମୁଁ ଆପଣଙ୍କ ସହ ବନଗମନ କରିଛି ବୋଲି ଜାଣିଲେ ସେ ଅତ୍ୟନ୍ତ ଖୁସି ହେବେ । ତାଙ୍କ କନ୍ୟା ଉଚିତ ପତ୍ନୀ ଧର୍ମ ନିଭାଇଛି ଜାଣିଲେ ଆନନ୍ଦରେ ଉଲ୍ଲସିତ ହୋଇ ଉଠିବେ ।

ସୀତେ ! ବାସ୍ତବରେ ତୁମେ ଅନନ୍ୟା । ଯାଅ ସୀତେ ! ପିତାମାତାଙ୍କ ଠାରୁ ଆଦେଶ ନେଇ ରାମର ପଦାଙ୍କ ଅନୁସରଣ କରିବା ପାଇଁ ପ୍ରସ୍ତୁତ ହୁଅ ।

ମୋ ସ୍ୱାମୀଙ୍କ ଠାରୁ ଆଦେଶ ପାଇ ମୁଁ ଯାଇ ମୋ ଶଶୁରଙ୍କ ନିକଟରେ ପହଞ୍ଚି ଦେଖିଲି ମୁଖ ତଳକୁ କରି ବସି ରହିଛନ୍ତି ସେ । ଧାରଧାର ହୋଇ ଅଶ୍ରୁ ତାଙ୍କ ନୟନରୁ ବହିଯାଉଥାଏ ।

ମୋତେ ଦେଖି ମହର୍ଷି ବିଶ୍ୱାମିତ୍ର କହିଥିଲେ, ମହାରାଜ ଦଶରଥ ତୁମ ପୁତ୍ରବଧୂ ସୀତା ଆସି ଉଭା ହେଲେଣି । ସେ ବୋଧେ ତୁମକୁ କିଛି କହିବାକୁ ଚାହୁଁଛନ୍ତି । ବିଶ୍ୱାମିତ୍ରଙ୍କ କଥା ଶୁଣି ମୋ ଶଶୁର ଆଉ ନିଜକୁ ସମ୍ଭାଳି ପାରିନଥିଲେ । କୋହ ତାଙ୍କର ଦ୍ୱିଗୁଣିତ ହୋଇ ଯାଇଥିଲା । କାନ୍ଦିକାନ୍ଦି ସେ କହିଥିଲେ, ମହର୍ଷି ମୋ’ ବୋହୂ କ’ଣ ପାଇଁ ଏ ସ୍ଥାନକୁ ଆସିଛି ଜାଣନ୍ତି । ନାଁ ଆପଣ ତାହା ଜାଣିନଥିବେ । ହେଲେ ମୁଁ ଜାଣିଛି । ମୋ ପତି ପରାୟଣା ସୀତା ଆସିଛି ତା’ ପତି ସହ ବନଗମନ କରିବା ପାଇଁ ମୋ ଠାରୁ ଆଦେଶ ନେବାକୁ ।

ଆଶ୍ଚର୍ଯ୍ୟ ହୋଇଯାଇଥିଲି ମୁଁ । ମୁଁ ତ ଏ ପର୍ଯ୍ୟନ୍ତ ମୋ ଶଶୁରଙ୍କୁ କିଛି କହିନାହିଁ । ସେ କେମିତି ଜାଣିଲେ, ମୁଁ ବନକୁ ଯିବାପାଇଁ ତାଙ୍କ ଠାରୁ ଆଦେଶ ନେବାକୁ ଆସିଛି । ଶଶୁରଙ୍କ କଥା ଶୁଣି ମହର୍ଷି ବିଶ୍ୱାମିତ୍ର କହିଥିଲେ, ତୁମେ କେମିତି ଏକଥା ଜାଣିଲ ମହାରାଜ । ସୀତା ତ ଏ ପର୍ଯ୍ୟନ୍ତ କିଛି କହିନାହାନ୍ତି ।

ତାଙ୍କୁ ବଚନ ଶେଷ କରିବାକୁ ନଦେଇ ମୋ ଶଶୁର କହିଥିଲେ, ମହର୍ଷି ! ଆପଣ କ’ଣ ସୀତାକୁ ଜାଣିନାହାନ୍ତି । ତା’ ସ୍ୱାମୀ ଯେତେବେଳେ ବନକୁ ଯିବାପାଇଁ ବସିଛି, ସ୍ତ୍ରୀ ହୋଇ ସେ ଅଯୋଧ୍ୟାରେ ରହିବ କେମିତି ? ପତି ତାର ଗତି, ପତି ତାର ମତି, ପତି ତାର ସ୍ଥିତି । ପତି ବିନା ପତ୍ନୀ ଏ ରାଜଉଆସରେ କଣ ରହିପାରିବ ? ରାମ ମୋର ଯେତେବେଳେ ବଣକୁ ଯାଉଛି ମୁଁ କ’ଣ ତାକୁ ଏ ରାଜପୁରୀରେ ଅଟକାଇ ରଖିପାରିବି ?

ମହାରାଜ ଦଶରଥ ! ତୁମେ କ’ଣ ଭାବୁଛ ସୀତାକୁ ରାମ ସହିତ ବଣକୁ ପଠାଇ ଦେବ ? ଶ୍ୱାପଦ ସଂକୁଳ ଅରଣ୍ୟରେ ରାମ ଚଉଦବର୍ଷ ସୀତାକୁ ନେଇ କଟାଇବ କେମିତି ? ତାଙ୍କ ତୁଣ୍ଡରୁ କଥା ନେଇ ମୋ ଶଶୁର କହିଥିଲେ, ମହର୍ଷି ଆପଣ ମୋ ଠୁଁ ଅଧିକ ଶାସ୍ତ୍ରଜ୍ଞ । ଆପଣ ପରା ରାମର ବିବାହ ବେଦୀରେ କହୁଥିଲେ ସ୍ୱାମୀ ସ୍ତ୍ରୀଙ୍କର ସମ୍ପର୍କ ଗୋଟାଏ ଜନ୍ମର ନୁହେଁ, ଜନ୍ମଜନ୍ମ ସାତଜନ୍ମର । ସେ ସମ୍ପର୍କକୁ ମୋ ବୋହୂ କାଟିଦେବ କେମିତି ? ବନବାସରେ ଦୁଃଖ ଭୋଗିଲେ ଦୁହେଁ ଭୋଗିବେ, ସୁଖ ଭୋଗିଲେ ଦୁହେଁ ଭୋଗିବେ । ଯାଅ ମା’ ସୀତା । ମୋତେ କିଛି ପଚାରିବାର ଆବଶ୍ୟକତା ନାହିଁ । ତୋ ସ୍ୱାମୀ ସହିତ ତୁ ବନଯାତ୍ରା କର । ମୋର କିନ୍ତୁ ଗୋଟାଏ ଦୁଃଖ ରହିଗଲା ମା’, ମଲାବେଳେ ତୋ ଭଳି ବୋହୂ ହାତରୁ ମୁଁ ଟୋପାଏ ପାଣି ପାଇପାରିବି ନାହିଁ । ଏତେପର୍ଯ୍ୟନ୍ତ ମୁଁ ନିରବ ହୋଇ ରହିଥିଲି । ଏହି ପଦକ କଥାରେ ମୋ ତୁଣ୍ଡରୁ ଝରିପଡ଼ିଲା ଶବ୍ଦଟିଏ, “ବାପା ! ଆପଣ ଏ କ’ଣ କହୁଛନ୍ତି । ଚଉଦବର୍ଷ ପରେ ଆମେ ବନରୁ ଫେରି ଆସିବୁ ।’ ମୋ ତୁଣ୍ଡରେ ହାତଦେଇ ମୋ ଶଶୁର କହିଥିଲେ ତୁ ଆଉ ସେ କଥା କହନା ମା’ । ତୁମେ ଅଯୋଧ୍ୟା ଛାଡ଼ିବାର ଦିନେ କିମ୍ବା ଦୁଇଦିନ ମଧ୍ୟରେ ମୁଁ ଏ ମରଧାମ ଛାଡ଼ି ଚାଲିଯାଇଥିବି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଓଡ଼ିଆ ଭାଷା ସାହିତ୍ୟ ପାଇଁ ଭବିଷ୍ୟତ ଭାବନା

### ରତ୍ନାକର ରାଉତ



ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଆ ସଂସ୍କୃତିର ବିକାଶ, ପ୍ରଚାର ପ୍ରସାର ଏବଂ ସୁରକ୍ଷା ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଉଛି। ଯେଉଁମାନେ ଏ ଦିଗରେ ପଦକ୍ଷେପ ନେଉଛନ୍ତି ଓ ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି ସେମାନେ ସମସ୍ତେ ଧନ୍ୟବାଦାର୍ହ। ଦେଖା ଯାଉଛି ମାଧ୍ୟମିକସ୍ତର ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଅଧ୍ୟୟନ କରୁଥିବା ପିଲାଂକ ସଂଖ୍ୟା କମିକମି ଯାଉଛି। ଯାହା ଦେଖାଯାଉଛି ଆଗକୁ ଏ ସଂଖ୍ୟା ମଧ୍ୟ ଆହୁରି କମି ଚାଲିବ। ତାହାର କାରଣ ସଭିଂକୁ ଜଣା। ଦିନକୁ ଦିନ ଅଧିକରୁ ଅଧିକ ପିଲା ଇଂରାଜୀ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବା ପାଇଁ ସିବିଏସଇ ଏବଂ ଆଇସିଏସଇ ପାଠ୍ୟକ୍ରମ ପ୍ରଦାନ କରୁଥିବା ସ୍କୁଲ ମାନଂକରେ ପ୍ରବେଶ କରୁଛନ୍ତି। ଏହାଛଡ଼ା ସେହି କୋର୍ସ ପ୍ରଦାନ କରୁଥିବା ସ୍କୁଲ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ଏହା ଏକ ଶୁଭ ସଂକେତ। ଖୁବ୍ ଭଲ କଥା। କାରଣ ଆମ ରାଜ୍ୟର ପିଲାମାନେ ସର୍ବ ଭାରତୀୟ ଓ ଆନ୍ତର୍ଜାତୀୟସ୍ତରରେ ପ୍ରତିଦ୍ୱନ୍ଦିତା କରିବାକୁ ସକ୍ଷମ ହେବେ ଏବଂ ତାଂକର ମେଧା ବଳରେ ଉଚ୍ଚ ପଦ ପଦବୀ ମଣ୍ଡନ କରି ଜାତିର ଗୌରବ ବୃଦ୍ଧି କରିବା ସହିତ ରାଜ୍ୟର ଅର୍ଥନୈତିକ ବିକାଶରେ ଯଥେଷ୍ଟ ସହାୟକ ହୋଇ ପାରିବେ। ସର୍ବୋପରି ସେମାନେ ଓଡ଼ିଆ ସଂସ୍କୃତିର ବାର୍ତ୍ତବହ ଭାବେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବେ। ତେଣୁ ଇଂରାଜୀ ଭାଷାରେ ଅଧିକ ପାରଦର୍ଶିତା ହାସଲ କରିବା ଉଚିତ୍ ବିଚାର। ମାତ୍ର ସାମାନ୍ୟ ପ୍ରଯତ୍ନ କଲେ ଇଂରାଜୀ ଭାଷାରେ ଶିକ୍ଷା ଗ୍ରହଣ ସହିତ ଓଡ଼ିଆ ଭାଷାର ମଧ୍ୟ ପ୍ରଭୁତ ଉନ୍ନତି ସାଧିତ ହୋଇପାରନ୍ତା ଏବଂ ଭାଷା ସୁରକ୍ଷା ପାଇଁ ବୁଦ୍ଧିଜୀବୀ ମାନେ ଯେଉଁ ଆଶଂକା ପ୍ରକଟ କରୁଛନ୍ତି ତାହାର ମଧ୍ୟ ନିରାକରଣ ହୋଇପାରନ୍ତା। ସେଥିପାଇଁ ଏକମାତ୍ର ସରକାରି ନିଷ୍ପତ୍ତିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ଯଦି ଦୟାକରି ସରକାର ସବୁ ଇଂରାଜୀ ମାଧ୍ୟମ ସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଭାଷା ବିଷୟ ( ଲାଙ୍ଗୁଏଜ ସବଜେକ୍ଟ)କୁ ଐଚ୍ଛିକ ନରଖି ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରିଦଅନ୍ତେ ତାହାଲେ ଇଂରାଜୀ ମାଧ୍ୟମରେ ପଢୁଥିବା ସବୁ ଛାତ୍ର ଛାତ୍ରୀ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ପଢ଼ିବା ନିମନ୍ତେ ସୁଯୋଗ ପାଆନ୍ତେ ଏବଂ ଓଡ଼ିଆ ଭାଷାରେ ଆବଶ୍ୟକୀୟ ଦକ୍ଷତା ହାସଲ କରିପାରନ୍ତେ। ଫଳତଃ ଭାଷା ସାହିତ୍ୟ ସଂପର୍କରେ ସବୁ ଆଶଂକା ଅମୂଳକ ହୋଇଯାଆନ୍ତା ଓ ନାନାଦି ନକାରାତ୍ମକ ଆଲୋଚନା ସମାଲୋଚନାର ଅନ୍ତ ହୋଇଯାଆନ୍ତା। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋରେ ଯେତେବେଳେ ସ୍ଥାନ ପାଇଛି, “ଭାଷା ହିଁ ଭବିଷ୍ୟତ”, ସେତେବେଳେ ଭାଷାର ଭବିଷ୍ୟତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଉପରୋକ୍ତ ପ୍ରସ୍ତାବ ଉପରେ ତୁରନ୍ତ ନୀତିଗତ ନିଷ୍ପତ୍ତି ନେଇ ତଦନୁଯାୟୀ ସରକାରି ନିର୍ଦ୍ଦେଶନାମା ଜାରିକଲେ ଭାଷା ସଂପର୍କିତ ସକଳ ଅନୁଶୋଚନାର ପରିସମାପ୍ତି ଘଟିବ ବୋଲି ଦୃଢ଼ ବିଶ୍ୱାସ।

ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଆ ସଂସ୍କୃତିର ବିକାଶ, ପ୍ରଚାର ପ୍ରସାର ଏବଂ ସୁରକ୍ଷା ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଉଛି। ଯେଉଁମାନେ ଏ ଦିଗରେ ପଦକ୍ଷେପ ନେଉଛନ୍ତି ଓ ଏଥିପାଇଁ ପ୍ରୟାସ ଜାରି ରଖିଛନ୍ତି ସେମାନେ ସମସ୍ତେ ଧନ୍ୟବାଦାର୍ହ। ଦେଖା ଯାଉଛି ମାଧ୍ୟମିକସ୍ତର ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଅଧ୍ୟୟନ କରୁଥିବା ପିଲାଂକ ସଂଖ୍ୟା କମିକମି ଯାଉଛି। ଯାହା ଦେଖାଯାଉଛି ଆଗକୁ ଏ ସଂଖ୍ୟା ମଧ୍ୟ ଆହୁରି କମି ଚାଲିବ। ତାହାର କାରଣ ସଭିଂକୁ ଜଣା।

♥ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ଭୁବନେଶ୍ୱର

## କବିତା...

### ॥ ରାସ୍ତା କଡେ ଠିଆ ହୋଇଥିବା ସେ ସ୍ତ୍ରୀଲୋକଟି ॥

**ସୁମିତା ବେହେରା**



ଯଦି ସ୍ତ୍ରୀଲୋକଟି ନ ଥାନ୍ତା
ରଚନା ହୋଇପାରି ନ ଥାନ୍ତା
ବିଶ୍ୱ ଇତିହାସ
କି ଶୁଭୁ ନ ଥାନ୍ତା
ଅଭିଯୋଗର ଶୁଣାଣି
ଫର୍ଦ୍ଦ ଫର୍ଦ୍ଦ ଦଲିଲ
ଲେଖା ହେଉ ନ ଥାନ୍ତା
ଅଧିକାରର ନିୟମ
ସୁଅରେ କେହି ତାକୁ ଠିଆକରି
କହି ନ ଥାନ୍ତା‘ ଆହା ‘ ।

ଛାଡ
ତାର ବା ଏଥିରେ ଯାଏ ଆସେ କେତେ ! !
ଯଦି ମେଘ ଫାଟି ନକ୍ଷତ୍ର ଖସେ ମାଟିରେ
ଉଡା ଖବର ଆସି ଲାଖିଯାଏ ତଣ୍ଟିରେ
ମୁହଁ ଅନ୍ଧାର ଆସି ଠିଆ ହୁଏ ଦୁଆରେ
ଘଷରା କଥାସବୁ ଖଣ୍ଡିଉଡା ଦେଇ
ଆସନ୍ତି ଯଦି ଶେଷ ଆଶାରେ ।

ସେ ଜାଣେ
ଯେଉଁଠି ତାର ଅସହାୟତା
ସେଇଠି କଟିଯିବ ଡେଣା,
ଯେଉଁଠି ସେ ଝରି ଝରି ସରିଯିବ
ସେଇଠି ଶେଷ ହୋଇଯିବ ଦୁନିଆଁ ।

ଖାସ୍ ସେଇଥିପାଇଁ ତ
ରାସ୍ତାକଡେ ଠିଆହୋଇଥିବା ସେ
ସ୍ତ୍ରୀଲୋକଟି
ହୋଇପାରେ ରୋଷେଇଘରର
ପୋଖତ ରାନ୍ଧୁଣିଆ
କର୍ପୋରେଟ ଅଫିସର
ରିସେପସନିଷ୍ଟ ବା ଟୁରିଷ୍ଟ ତରୁଣୀ
ହୋଇପାରେ କାହା ଆତ୍ମାର ଦୋସର
ବା ଦୟା କରୁଣାକୁ ଆଡ କରି
ଜହ୍ନ ଉଇଁବାକୁ ଅପେକ୍ଷା କରିଥିବା
କେଉଁ ସ୍ୱପ୍ନ ବିଳାସିନୀ ।

ଯେଉଁଠି ସେ ଥାଏ
ଓହ୍ଲାଇ ଆସେ ସୋରାଏ ଜହ୍ନ ଆଲୁଅ
ବାକ୍ୟର ଯୂପକାଠରେ ଥାଇ ବି
ହସି ହସି ଗଢୁଥାଏ
କୁଟିକମ କରା କେତେ ଖୁସିର
ଦେହ ।

♥ ବାରିପଦା
(ମୋ) ୬୩୭୨୮୫୬୯୯୪

### ॥ ସଂସାର ସାରା ଦୁଃଖ ॥

**ନୀଳମାଧବ କର**



ଏତେ ଦୁଃଖ ଥାଇପାରେ ବୋଲି, ବିଶ୍ୱାସ ହେଉନି
ଏ ଦୁଃଖ ସହି ହେଉନାହିଁ, ବାଣ୍ଟି ହେଉନାହିଁ
କହି ହେଉନାହିଁ, ଏତେ ଦୁଃଖ ଅଛି ବୋଲି

ଏତେ ଦୁଃଖରେ ବି, ଛାଡ଼ି ଯାଉନାହିଁ ଜୀବ ଏ ଶରୀର
ବୁଡ଼ିଗଲା ପରେ, ଅଥଳ ଗହୀରରେ ବି
ନିଶ୍ୱାସ ବହୁଛି, ଜଳ ଜଳ ଦିଶୁଛି ଅନ୍ଧାର
ଏତେ ବ୍ୟାପ୍ତ, ଭୀମ ଓ ଗମ୍ଭୀର
ଦେହ ମରିଗଲେ ବି ଉପଶମ ନାହିଁ ଏ ଦୁଃଖର ।
.
ଆହୁରି ଆହୁରି ଗଭୀର ଏ ଦୁଃଖର ସାଗର
ମାପି ହେଉନଥିବା, ହଜିଯାଉନଥିବା କଥା ସବୁ ଏଠି
ଜନ୍ମଜନ୍ମ ଧରି ପାଶୋର ହେଉନଥିବା ଘଟଣାର ଇତିବୃତ୍ତ,
ମିଳେଇଯାଉନି, ଜଳି ଭସ୍ମ ହେଇଯାଉନି ଏ ଦୁଃଖ
.
କ୍ଷମା କରିପାରିବାର ଅସହ୍ୟ ଅକ୍ଷମତା ଏଠି
ନିଜକୁ, ଅପରକୁ, ଅବସ୍ଥାକୁ
ଏମିତିକି ଭଗବାନଙ୍କୁ ବି କ୍ଷମା କରି
ଭୁଲି ହେଇଯାଉନି ଏ ଦୁଃଖ
ମାଡ଼ି ଯାଇହେଉନି ଆଗକୁ
.
ଓହ୍ଲେଇଦେଇ ହେଉନି
ଏ ମହଣ ମହଣର ବୋଝ
ଖୋଲିଦେଇ ଏ ଦୁଃଖର ଜଞ୍ଜିର
ଉଠି ହେଉନି ଉପରକୁ,
ଉଡ଼ିଯାଇ ହେଉନି
କେଉଁ ଦୁଃଖହୀନ ସଂସାରକୁ
ଏମିତି ପୃଥିବୀଟେ ବିନା ଦୁଃଖରେ ଅଛି ବୋଲି
ପରତେ ହେଉନି, କିଛି ଦିଶୁନି ।

କାହା ଘରେ ଦୁଃଖ ନାହିଁ ଏଠି ?
ପରଦା ଆଡ଼େଇ ଦେଲେ, ଭାରି ଭାରି କୋହର ପବନ
ତୁହା ତୁହା ମାଡ଼ିଆସେ ଅଗଣାରୁ
ଆଗୁଳିକି ଠିଆ ହେଇଥାଏ ଦୁଆର ବନ୍ଧରେ
ବାଟରୋକି ଭିଜାଏ ମନକୁ
ଝରକାର ଚିକମିକ ମିଛ ମିଛ ସୁଖର ପରଦା
ଢାଙ୍କି ପାରେନା କୁଢ଼ କୁଢ଼ ଦୁଃଖର ପାହାଡ଼
ମାଡ଼ିଯାଇ ଥାଏ ସିଏ ଅଳିନ୍ଦ ନିଳୟ, ସାରା ସଂସାରରେ ।

ଓଲଭରହାମ୍ପଟନ, ୟୁକେ





### ॥ ପତ୍ରଝରା ଋତୁ ॥

**ସୁଶୀଲ କୁମାର ପାଣିଗ୍ରାହୀ**

ଗୋଟିଏ ଝରି ଯାଉଥିବା ପତ୍ରରେ
ଥାଏ ସବୁଜ ଦିନମାନଙ୍କର ଗୀତ

ଗୀତରେ ଥାଏ ଏ ଧରାକୁ କୃତଜ୍ଞତା
ଓ ଈଶ୍ୱରଙ୍କୁ ଧନ୍ୟବାଦ

ସେ ଗୀତ ଛାଡିଯାଏ ମାଟିରେ
ବୀଜମାନଙ୍କ ପାଇଁ

ଗୀତରେ ଆକାଶ ଆକାଶ ପ୍ରେମ
ଥାଏ ଅକ୍ଷତ...

ପତ୍ରଝରା ଋତୁରେ
ପବନରେ ସେଇ ଗୀତ ଭାସିବୁଲୁଥାଏ
କରୁଣ ଗୀତ ନୁହଁଇ, ସ୍ୱାଗତ ଗୀତ
ସମ୍ଭାବନା ଭରା ପୃଥିବୀର ଲାଗି।

♥ କଲ୍ୟାଣୀ ରେସିଡ଼େନ୍ସି,
ଫ୍ଲାଟ-୨୦୩ ସମ୍ବଲପୁର -୨
ଫୋନ-୮୧୪୪୨୨୮୨୦୨

### ॥ ପଉଷର ପୋଡା ବଉଳ ମୁଁ ॥

**ଧନଞ୍ଜୟ ସ୍ୱାଇଁ**



ପଉଷର ପୋଡାବଉଳ ମୁଁ କାନ୍ଦେ
ଆହତ ଅଭିମାନେ
ପଉଷ କୁହୁଡି ଦିଏ ବୋଲି ପୋଡି
(ତାକୁ) ନିନ୍ଦୁଥାଏ ମନେମନେ ।

କେବେ ସମ୍ଭାବନା କେବେ ମୁଁ ସାନ୍ତ୍ୱନା
ଚୋରା ଚଇତାଳି ଲାଗି
ହେଲେ ମଳୟର ମହକ ଛୁଆଁ ମୁଁ
ପାରେନି ଜୀବନେ ଭୋଗି ।
ବଉଳ ସିନା ମୁଁ ଅଜଣା ଆତଙ୍କେ
ଜୀଇଁଥାଏ ପ୍ରତିକ୍ଷଣେ
କାନ୍ଦେ... ଆହତ ଅଭିମାନେ ।

ଭାବିଥିଲି ସୁନାଖରାରେ କୁହୁଡି
ଯିବ ବାଟବଣା ହୋଇ
ପୂବେଇ ବାଆକୁ ଡାକି ମୁଁ ଆଣିବି
ସାତ ସିନ୍ଧୁ ଜଳ ଡେଇଁ
ହେଲେ ଏ କୁହୁଡି ଦିଏ ଜାଳିପୋଡି
ଜୀବନ ମୋ ଅକାରଣେ
କାନ୍ଦେ... ଆହତ ଅଭିମାନେ ।

କଟକ
(ମୋ) ୯୪୩୭୦୦୦୬୩୬

# କବି ହୃଦୟରେ ବଂଚେ ଓ ଅନୁଭୂତିକୁ ବିଂଚେ : ଡ. ମମତା ସାହୁ

**ଡ. ମମତା ସାହୁ, ଓଡିଆ କବିତା କ୍ଷେତ୍ରରେ ଗୋଟେ ସ୍ୱଷ୍ଟ ପାଦଚିହ୍ନ । ତାଙ୍କ କବିତାର ଶବ୍ଦ ସଂଯୋଜନାରେ ବାରିହୁଏ ତାଙ୍କ ନିପୁଣତା । ନିଛକ ଚଳମାନ ଜୀବନର ଛବିକୁ ସେ ରୂପ ଦେଇପାରନ୍ତି ତାଙ୍କ କବିତାରେ । କେବେ ଅସରାଏ ବର୍ଷା ପରି ତ କେବେ ମୋହନ ବଂଶୀ ପରି ଶୁଭେ ତାଙ୍କ କବିତାର ସ୍ୱର । କେବେ ଧୂସର ଆକାଶର ମାୟା ତ କେବେ ଅରୁନ୍ଧତୀ ଆଲୁଅର ଛାଇ ପରି ଆବୋରି ବସେ ତାଙ୍କ କବିତା । ତାଙ୍କ ସହ ଏଥରର ଆଳାପ...**



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କବିତା କାହିଁକି ? କେବେଠୁଁ କେମିତି ସାମିଲ ହେଲେ ଏ କବିତା ଯାତ୍ରାରେ ?

■■ ଯେତେବେଳେ ଛଳଛଳେଇ ଯାଏ ଆକାଶ, ପଥୁରିଯାଏ ମାଟି, ଉଦାସ ହୋଇଯାଏ ବେଗମତୀ ମନ, ସେତେବେଳେ ମୁଁ ଆତ୍ମାମାତ୍ମା ହୋଇଯାଏ ମୋ ଭିତରକୁ ଜୀବନ୍ତ କରିବାରେ, ଯୋଉଠୁ ଝରିଆସି କବିତା କାଗଜରେ ଲେସି ହୋଇଯାଏ । କବିତା ନଥିଲା ମୋ ଭିତରେ ଛୋଟବେଳୁ, ବରଂ ବୁଢାବାପାଙ୍କ ଠାରୁ ଗପ ଶୁଣି ଶୁଣି ମୋ ଭିତରେ ଉଙ୍କି ମାରୁଥିଲା ଗପର ବୀଜଟିଏ । ଆନୁଷ୍ଠାନିକ ଭାବେ ଅଷ୍ଟମ ଶ୍ରେଣୀରେ ଏକ ଶିଶୁ କିଶୋର ମେଳାର ଗଳ୍ପଲିଖନ ପ୍ରତିଯୋଗିତାରେ ଭାଗ ନେବାକୁ ନିର୍ଦ୍ଦେଶ ଆସନ୍ତେ ସେଥିରେ ଭାଗ ନେଇଥିଲି ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲି । କିନ୍ତୁ ଗପଟିର ଭୂୟସୀ ପ୍ରଶଂସା କରିଥିଲେ ଆମର ଶ୍ରେଣୀ ଶିକ୍ଷକ । ତେଣୁ ଗପରୁ ମୋର ଲେଖକୀୟ ସତ୍ତାର ଆରମ୍ଭ । ମନର ଆବେଗକୁ ଅଳ୍ପ ସମୟ ଭିତରେ କବିତାରେ କରିପ୍ରକାଶ କରିବା ସମ୍ଭବହେଉଥିବା ହେତୁ ମୁଁ ବେଶି କବିତା ଲେଖାରେ ମନୋନିବେଶ କଲି । କଲେଜ ପଢା ସମୟରେ କାଁ ଭାଁ ଲେଖୁଥିବା ବେଳେ ପରବର୍ତ୍ତୀ ସମୟରେ ଅନେକ ଲେଖିଲି । ଆନୁଷ୍ଠାନିକ ସ୍ୱୀକୃତି ମିଳିଲା ରେଭେନ୍ସାରେ, ହଷ୍ଟେଲ ମାଗାଜିନର ସହ ସଂପାଦକ ଭାବରେ । ତାପରେ ଅଦ୍ୟାବଧି ଯାତ୍ରା ବ୍ୟାହତ ହୋଇନାହିଁ । ଅବଶ୍ୟ ବୃତ୍ତିଗତ ଅନିଶ୍ଚିତତା ଦେଇ ଗତି କରୁଥିବା ବେଳେ ଏହା ଧିମେଇ ଯାଇଥିଲା ପରେ ପୁଣି ପ୍ରସ୍ଫୁଟିତ ହେବାରେ ଲାଗିଛି ।

■ କିଏ ଆପଣଙ୍କ ସାହିତ୍ୟ ଆଦର୍ଶ ? ଆପଣଙ୍କ କବିତାର ପାଠକୀୟତାକୁ ନେଇ ଆପଣ କେତେ ମାତ୍ରାରେ ସନ୍ତୁଷ୍ଟ ?

■■ ମୋର ସାହିତ୍ୟରେ ଆଦର୍ଶ ମୁଁ ନିଜେ ଏବଂ ମୋତେ ବେଢି ରହିଥିବା ପରିସ୍ଥିତି । ଅଜାଣତରେ କେତେ କବିତା ଲେଖାଯାଏ, ଚିରାଯାଏ ଆଉ କେତେକ ସମାଧି ନେଇଥାନ୍ତି ସରିଯାଇଥିବା ରଫ୍‌ଖାତା ସହ । ଜାଣତରେ ଲେଖୁଥିଲେ ସିନା ମୁଁ କାହାକୁ ଆଦର୍ଶର ଆଖ୍ୟା ଦେଇଥାନ୍ତି ! ହେତୁ ନହେବା ଦିନୁ ମୁଁ ବାଗ୍‌ଦେବୀଙ୍କୁ ପୂଜାକରେ । ହୁଏତ ତାଙ୍କରି ପ୍ରସାଦରୁ ମୋ ଭିତରେ ଲେଖନୀ ଚାଳନାର ଉଦ୍ଗୀରଣ ସମ୍ଭବ । ଚାକିରୀ ଅନ୍ୱେଷଣର ବ୍ୟସ୍ତତା ଭିତରେ ବହୁବର୍ଷ କବିତା ଜାକିଜୁକି ହୋଇ ଶୋଇ ପଡିଥିଲା ଛାତିର ଖୋଲରେ, ଏବେ ପୁଣି ଶାଖା ପ୍ରଶାଖା ମେଲିବାକୁ ଉଦ୍ୟତ ହୋଇଛି । ଧରାଯାଉ ମୁଁ ଏବେ କବିତା ନଈରେ ଚିତ୍‌ପହଁରା ମାରୁଥିବା ସନ୍ତରଣକାରୀଟିଏ ଯିଏ ନଈର ବିଛଣାରେ ଶୋଇ ଆକାଶକୁ ଆଖିମାରିବା ଶିଖୁଛି । ତଥାପି କହିବି ଯେତେବେଳେ ବେଦନାର ଲହଡି ମୋ ଛାତିତଳେ ଲହଡି ଭାଂଗିଛି, ଯେତେବେଳେ ମନ ଅତ୍ୟଧିକ ଉଦାସରେ ବିଛଣା ଧରିଛି, ଯେତେବେଳେ ନିଜକୁ କାହାରି ଆଗରେ ବୁଝାଇବାକୁ ଅସମର୍ଥ ହୋଇଛି ସେତେବେଳେ ମୁଁ ଶବ୍ଦର ସାହାରା ନେଇ ନିଜକୁ ବିଂଚିଛି କାଗଜ କଲମରେ । ହାଲୁକା ହୋଇଛି । ତେଣୁ ମୋ ଲେଖାର ଆଦର୍ଶ ମୋର ଅନ୍ତଃଝରଣ । ପାଠକୀୟତାକୁ ନେଇ କେତେ ମାତ୍ରାରେ ସନ୍ତୁଷ୍ଟ ଏହା ଏକ ମାର୍ମିକ ପ୍ରଶ୍ନ । ଏଥିରେ ପ୍ରଥମ କଥା ହେଉଛି ପାଠକୀୟତାର ଘୋର ଅଭାବ ଏ ସମୟରେ । ଯଦି ବି କିଛି ପାଠକୀୟ ଗୋଷ୍ଠୀ ଅଛନ୍ତି ସାହିତ୍ୟରେ, ସେମାନେ ପ୍ରସିଦ୍ଧି ପାଇସାରିଥିବା କବିଙ୍କ କବିତାର ଚଉହଦୀରେ । ନୂଆ ନୂଆ ଫୁଟୁଥିବା କବି ବା କବିତା ପାଠକୀୟ ବର୍ଗଙ୍କୁ ଏତେ ମାତ୍ରାରେ ସାଉଁଟି ପାରିନାହାନ୍ତି । ତଥାପି ଜଣେ କବି ହିସାବରେ ମୁଁ ଆଶାବାଦୀ ଯେ ମୋର କବିତା ଏବେ ଆଉ ଅପଠନୀୟ ହୋଇ ରହିନାହିଁ । କାରଣ କବିତା ଉପରେ ଅନେକ ଟିକା ଟିପ୍ପଣୀ ମିଳୁଛି ଏବଂ ସର୍ବଶ୍ରେଷ୍ଠ କଥା ହେଲା ଆଉ କିଏ ପଢୁ ବା ନପଢୁ ସାହିତ୍ୟର ମଙ୍ଗ ଧରିଥିବା ସଂପାଦକ ସଂପାଦିକାମାନେ ମୋ କବିତା ପଢୁଛନ୍ତି ଏବଂ ତାଙ୍କୁ ଭଲ ଲାଗୁଛି ବୋଲି ମୋ କବିତା କାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଇ ଚାଲିଛି । ଏହା କଣ ପାଠକୀୟ ସ୍ୱୀକୃତି ନୁହେଁ ?

■ ଆଜିର କବିତା ଦୁର୍ବୋଧ ବୋଲି ଅଭିଯୋଗ ହୁଏ, ଏହାର ସତ୍ୟତା କେତେ ? ଏହାର କାରଣ କଣ ଓ ନିରାକରଣ କେମିତି ହୋଇପାରିବ ?

■■ କବିତା କେବେ ଦୁର୍ବୋଧ ନୁହେଁ କି ଖବରକାଗଜରେ ଛପାହେଲା ଭଳିଆ ଖବର ବି ନୁହେଁ । ଯାହାକୁ ଆପଣ ଠିଆ ଠିଆ ହେଡଲାଇନ ଦେଖି ଆକଳନ କରିନେବେ । କବିତାକୁ ବୁଝିବାକୁ ହେଲେ ମନରେ କମ୍ପନ ଦରକାର, ଆବେଗପଣ ଦରକାର, ଦରଦୀ ହୃଦୟଟିଏ ଦରକାର । ତେଣୁ ମୋ ମତରେ ଛନ୍ଦ ଓ ଲାଳିତ୍ୟ ଭରା କବିତା କେବେ ଦୁର୍ବୋଧ ନୁହେଁ । କି ଭାବାବେଗକୁ ଜାବୁଡି ଧରିଥିବା କବିତା କେବେ ସହଜବୋଧ ନୁହେଁ । ବହୁ କବିତାରେ ପ୍ରୋସାଇକ୍ ଶବ୍ଦଗଢଣ ଏବଂ ତାର ପ୍ରତିରୋପଣ କବିତାର କାବ୍ୟିକ ଭାବକୁ ନଷ୍ଟ କରିଦିଏ ଓ କବିତାକୁ କ୍ଲିଷ୍ଟ କରିଦିଏ । ସେଥିପ୍ରତି ନଜର ରଖିବା ସବୁ କବିଙ୍କର ଧେୟ ହେବା ଉଚିତ୍ ।

■ ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପରିବ କି ?

■■ ମାତୃଭାଷାରେ ନିଜ ମା'ର ବା ନିଜ ଗାଁ ମାଟିର ମୁହଁ ଅଙ୍କା ହୋଇଥାଏ । ତେଣୁ ଏହା ପ୍ରତି ଗଭୀର ଆବେଗଟିଏ ସମସ୍ତଙ୍କ ମନ ମଧ୍ୟରେ ଥାଏ । ମାତୃଭାଷା ସଙ୍କଟରେ, ଏହା ସାମଗ୍ରୀକ ଯୁକ୍ତି ନୁହେଁ । କାରଣ ଯିଏ ଯେଉଁ ଭାଷାରେ କଥାବାର୍ତ୍ତା କରୁ ବା ଶିକ୍ଷା ଗ୍ରହଣ କରୁ, ନିଜ ମାତୃଭାଷା ପାଇଁ ତା' ମନରେ ଏକ ଛଳଛଳ ଆବେଗ ଥାଏ । ଅବଶ୍ୟ ଏହା ସତ ଯେ ଏବର ସମାଜରେ ପଠନ ସ୍ପୃହା କମି କମି ଯାଉଛି । ବ୍ୟସ୍ତ ବହୁଳତା ମଣିଷକୁ ସମୟ ପାଖରେ ଛୋଟ କରିଦେଉଛି । ତଥାପି ଆମ ମାତୃଭାଷାରେ ଛପା ଯାଉଥିବା ବହିର ସଂଖ୍ୟା ଦେଖିଲେ ଯେ କେହି ଆକଳନ କରିପାରିବ ଯେ ମାତୃଭାଷାକୁ ଭଲ ପାଉଥିବା ଲୋକଙ୍କ ସଂଖ୍ୟା କେତେ ଅଧିକ । ନିରିଖେଇ ଦେଖିଲେ ଏୟା ଜଣାଯିବ ଯେ କେବଳ କବିତା କି ଗପ ନୁହେଁ ବରଂ ସାହିତ୍ୟର ସାମଗ୍ରୀକ କୃତି ଏ ସଙ୍କଟରୁ ଭାଷାକୁ ଉଦ୍ଧାର କରିପାରିବ ।

■ ଜଣେ କବି ଭାବରେ ମଣିଷର ସାମାଜିକ ଦାୟିତ୍ୱ କ'ଣ ହେବା ଉଚିତ୍ ? ?

■■ କବି ହୃଦୟରେ ବଂଚେ ଓ ଅନୁଭୂତିକୁ ବିଂଚେ । ଗୁମାନର ଗୁମ୍ଫନରେ ଶବ୍ଦର ଫୁତ୍କାର ତୋଳେ, ବୃକ୍ଷ ବିରହିତ ବଗିଚାରୁ ଲାଲ ପକ୍ୱଫଳ ତୋଳି ତା'ର ସ୍ୱାଦ ଦୁନିଆକୁ ବାଣ୍ଟେ । ତେଣୁ ସେ କଳ୍ପନାର ମଣିଷ । ତଥାପି ଜଣେ ଲେଖନୀ ଧରିଥିବା ମଣିଷ ହିସାବରେ ସମାଜ ପ୍ରତି ତାର ଦାୟିତ୍ୱ ଢେର ବେଶି । ଚୌକିଦାର ହିସାବରେ ଆନମନା ସମାଜକୁ ଶୃଙ୍ଖଳ ପିନ୍ଧାଇବା ଦାୟିତ୍ୱ ଜଣେ କବିର । ସାନିଧର କମଣ୍ଡଳୁ ଧରି ସମାଜକୁ ସତ୍ୟର ସାଧନ ଶିଖାଇବାର ଦାୟିତ୍ୱ ତ କେବଳ କବିର । ନିଶବ୍ଦରେ ଶବ୍ଦମୁଖର ହେଉଥିବା କବି ସମଗ୍ର ସତ୍ତାକୁ କବିମୟ କରିପାରେ, ପ୍ରେମମୟ କରିପାରେ, କୁଶବିଦ୍ଧ ବି କରିପାରେ । ତେଣୁ ଜଣେ କବିର ସାମାଜିକ ଦାୟବଦ୍ଧତା ଅନେକ ।

■ କବିଟିଏ ଚାହିଁଲେ ତା' ଲେଖାରେ କାହାର ହୃଦୟ ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ? କବିତା ପାଇଁ ଭାବ, ଭାଷା ନା ଶୈଳୀ କିଏ ବେଶୀ ଗୁରୁତ୍ୱପୂର୍ଣ୍ଣ ?

■■ ନିଶ୍ଚୟ । କବି ଚାହିଁଲେ ହିଁ ମଣିଷର ଅନ୍ତରକୁ ତା କବିତା ଦ୍ୱାରା ଭାବମୟ, ବିଷାଦମୟ ଏବଂ ଉଲ୍ଲାସମୟ କରିଦେଇପାରିବ । କାରଣ କବି ନିଜକୁ ନେଇ ଜଗତକୁ ଦେଖେ । ବ୍ୟକ୍ତିଗତ ଦୃଷ୍ଟିକୋଣରୁ କଲମ ଉଠାଇ ସେ ସାର୍ବଜନୀତତା ଆଡକୁ ଗତିକରେ । ତା କବିତାର ଅନ୍ତରଂଗ ଅନୁଭବରେ ପାଠକର ମନ ଚହଲିଯାଏ । ଶବ୍ଦର ଆବେଗ ଓ ସମ୍ମୋହନ ପାଠକୁ ନିଶାଖୋର କରିଦିଏ । ଆଉ ରହିଲା ଭାବ- ଭାଷା- ଶୈଳୀ । ଏ ସବୁର ଉତ୍କୃଷ୍ଟ ମିଶ୍ରଣରେ ତ କବିତା ସୃଷ୍ଟିହୁଏ । କାହାକୁ ବେଶି ଗୁରୁତ୍ୱ ଦିଆଯିବ କାହାକୁ କମ୍, ସେକଥା କହିଲେ ତ ଲକ୍ଷ୍ମୀ ଓ ଶନିଙ୍କର କଳହ ଆଡକୁ ଆମେ ଚାଲିଯିବ । କାରଣ ଭାବର ସ୍ଫୁରଣରେ ଶବ୍ଦ ମନକୁ ଆସେ । ଶବ୍ଦମୟ ହୋଇଗଲେ ଭାଷା ଆପେ ଆପେ ଗଢି ହୋଇଯାଏ । ଭାବର ତରୀରେ ଶବ୍ଦର ଆହୁଲା ମାରି କବି ଭାଷା ତିଆରି କରେ, କୂଳ ଦେଖାଏ ତେଣୁ ମୋ ମତରେ ସମସ୍ତେ ଗରୀୟାନ୍ ଓ ପରସ୍ପରର ପରିପୂରକ ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ସାହିତ୍ୟ ସବୁବେଳେ ସାହିତ୍ୟ, ମାନେ 'ସ 'ହିତି' । ସମୟର କ୍ରମାଙ୍କ ତାକୁ ପୁରାତନ ଓ ଆଧୁନିକ କରି ଗଢିଥିଲେ ବି ସେ ଭାଗ କରିପାରିନି ନିଜକୁ । ତେଣୁ ସାହିତ୍ୟ ନିଜେ ନିଜର ସ୍ଥିତିକୁ ମୂଲ୍ୟାଙ୍କନ କରେ । ସାରସ୍ୱତ ପ୍ରଗତିଶୀଳ ଓଡିଆ କବିତା ଭଣ୍ଡାରକୁ ଯେଉଁ କେତେଜଣ ସାର୍ଥକ କବି ନିଜସ୍ୱ ଅଜସ୍ରସାବୀ ଲେଖନୀ ଚାଳନା କରି ପୁଷ୍ପିତ ଓ ସମୃଦ୍ଧ କରିଛନ୍ତି ସେମାନଙ୍କ ମତରେ ମଧ ଓଡିଆ ସାହିତ୍ୟ ବେଶ୍ ସଚେତନ କାୟା ଓ ଛାୟାର ଯୁଦ୍ଧକୁ ନେଇ । ମୋର ମତ ମଧ ସେଇଆ ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ କବି ହେଉ, ଲେଖକ ହେଉ ବା ଅନ୍ୟ କୌଣସି କର୍ମଜୀବି ହେଉ ପୁରସ୍କାର ସମସ୍ତଙ୍କ ପାଇଁ ଆହ୍ୱାନର ଏକ ମନ୍ତ୍ର । ଏହା ଉଦ୍ଦୀପନା ଭରିଦିଏ ପୁଣି ଗୋଟେ ନୂଆ ସୋପାନର ଆଶାରେ । କିନ୍ତୁ କବି କେବେ ପୁରସ୍କାରକୁ ଆଖି ଆଗରେ ରଖି କଲମ ଚାଳନା କରେନାହିଁ ବୋଲି ମୋର ବିଶ୍ୱାସ । କିନ୍ତୁ ଏବେ କୃତି ଅପେକ୍ଷା ସ୍ୱୀକୃତିକୁ ବେଶି ପ୍ରାଧାନ୍ୟ ଦିଆଯାଉଛି ବୋଲି ପୁରସ୍କାରର ମର୍ଯ୍ୟାଦା ଉଲଂଘନ ହେଉଛି । କବିମାନେ ବ୍ୟକ୍ତିକୈନ୍ଦ୍ରିକ ହୋଇ ପଡୁଛନ୍ତି । ସାହିତ୍ୟ ସାମୂହିକ ହିତ ସାଧନରେ ନରହି ତୋଷାମଦରେ ପରିପୂର୍ଣ୍ଣ ଚାଟୁବାକ୍ୟର ରୂପ ନେଲାଣି । ଏହି ଘଟଣା ପ୍ରବାହରେ ପୁରସ୍କାର କିଏ ପାଇଛି ତାଙ୍କର ବଡପଣ କଥା ଆଲୋଚନା ନହୋଇ କେମିତି ପାଇଲେ ସେ କଥା ଆଲୋଚ୍ୟ ବିଷୟବସ୍ତୁ ହୋଇଯାଉଛି । ♥

■ ଅଳ୍ପରେ ଡ. ମମତା ସାହୁ



ଜନ୍ମ:- ମାର୍ଗଶୀର ୨୮ ଦିନ
ପିତା:- ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ
ମାତା:- ଶ୍ରୀମତୀ ସରୋଜିନୀ ସାହୁ
ଜନ୍ମସ୍ଥାନ:- ବଳରାମପୁର, ଭାୟା : ଗୋପାଳପୁର, ବାଲେଶ୍ୱର
ଶିକ୍ଷା:- M.A., LLB, Phd, ନେଟ୍
ବୃତ୍ତ : ସମାଜବିଜ୍ଞାନରେ ଅଧ୍ୟାପନା, ବଉଳା ଡିଗ୍ରୀ କଲେଜ, ସୋସୋ, କେଉଁଝର
ପ୍ରକାଶିତ ପୁସ୍ତକ : ରାତି ପାହିଗଲେ (କବିତା)
ଭାରତର ଜନଜାତି (ସମାଜ ବିଜ୍ଞାନ)



ସ୍ୱାମୀ ଓ ପୁତ୍ରଙ୍କ ସହ କବି ଡ. ମମତା ସାହୁ...

## ବିଶେଷ କଥନ

# ଇୟର ବାରୋଟ୍ରମା

ଆପଣ ନିୟମିତ ହେଉ ବା କଦବା କେତେବେଳେ ବିମାନରେ ଯାଉଛନ୍ତି କି ? କିମ୍ବା ବୁଲାବୁଲି ପାଇଁ ପାହାଡ଼ିଆ ବିସ୍ତୃତ ଅଞ୍ଚଳ କିମ୍ବା ଲିଫ୍ଟରେ ପ୍ରାୟତଃ ଯିବା ଆସିବା କରୁଛନ୍ତି କି ? ଆପଣଙ୍କ କାନ ଭାରି ଭାରି ଲାଗିବା ସହ ଆପଣ ସଠିକ ଭାବେ ଶୁଣି ପାରୁନାହାଁନ୍ତି କି ? କେବଳ ସେତିକି ନୁହେଁ ଅସହ୍ୟ ତୀବ୍ର ଯନ୍ତ୍ରଣା ହେବାସହ ଅଚାନକ ମୁଣ୍ଡ ବୁଲାଇ ଦେଉଛି କି ? ଏତିକିରେ କଥା ଅଟକିନି । କାନର ପରଦା ଫାଟି ଯାଇ ରକ୍ତ ବୋହି ଆସୁଛିକି ? ଯନ୍ତ୍ରଣା ସହିତ କାନରୁ ପାଣି ବାହାରି ଆସୁଛି କି । ଉପରୋକ୍ତ ଲକ୍ଷଣ ସହିତ ମୁଁ ଆଲୋଚନା କରୁଥିବା ବିଷୟ ହିଁ ସବିସ୍ତୃତ କହିବି । ଏହାକୁ ସାଧାରଣରେ ବା ଆମ ଇଏନଟି ଚିକିତ୍ସା ବିଜ୍ଞାନରେ ଇୟର ବାରୋଟ୍ରମାକୁ ବା ଏରୋପ୍ଲେନ ଇୟର ମଧ କୁହାଯାଏ । ଏହା ବହୁତ ଯନ୍ତ୍ରଣାଦାୟକ ଅଟେ । ଜୀବନରେ ବାୟୁ ଚାପର ପରିବର୍ତ୍ତନ ହେତୁ ଇୟର ବାରୋଟ୍ରମା ହୁଏ । ମୁଖ୍ୟତଃ ବିମାନରେ ଯାତ୍ରା କରୁଥିବା ଲୋକଙ୍କୁ ଏହି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଶିଶୁମାନଙ୍କ ପାଇଁ ଏହା ବିଶେଷ ଯନ୍ତ୍ରଣାଦାୟକ ହୋଇପାରେ । କାରଣ ସେମାନଙ୍କର କାନ ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ ଏବଂ ଏପରି କ୍ଷେତ୍ରରେ ଅଧିକାଂଶ ଅଭିଭାବକ ଏହାକୁ ଅଣଦେଖା କରିଥାନ୍ତି କିମ୍ବା ଦେଶୀୟ ତୁଟୁକା ତୁଟୁକି ଚିକିତ୍ସା ଆରମ୍ଭ କରିଦେଇଥାନ୍ତି ।

ସାଧାରଣତଃ ଇୟର ବାରୋଟ୍ରମା ହେଉଛି ତୀବ୍ର ଥଣ୍ଡା କିମ୍ବା ଅନ୍ୟ ଶାରୀରିକ ପାରିପାର୍ଶ୍ୱିକ ସଂକ୍ରମଣର କାରଣ । ଆଲର୍ଜି ମଧ ଏକ ସବୁଠାରୁ ବଡ଼ ପ୍ରମୁଖ କାରଣ । ସେହିପରି କେତେକଙ୍କ କାନ ଭିତରର ଆକାର ବଦଳି ଯିବା ବା ଯେଉଁମାନେ ନିୟମିତ ଧୂମପାନ ସେବନକାରୀ ଏବଂ ବିଶେଷକରି ଯେଉଁମାନଙ୍କ ଶରୀରରେ ହରମୋନର ପରିବର୍ତ୍ତନ ହୋଇଥାଏ । ଏସବୁ ହେଉଛି ପ୍ରମୁଖ ଓ ଶକ୍ତିଶାଳୀ କାରଣ । କେତେକ କ୍ଷେତ୍ରରେ ଇୟର ବାରୋଟ୍ରମା ସମସ୍ୟା ସାମାନ୍ୟ ଲକ୍ଷଣ ଭାବେ ପରିଲକ୍ଷିତ ହୋଇ କିଛି ମିନିଟ ପର୍ଯ୍ୟନ୍ତ ଏହା ଯନ୍ତ୍ରଣା ସୃଷ୍ଟି କରିଥାଏ ତେବେ ପୀଡ଼ିତର ଗମ୍ଭୀର ଅବସ୍ଥା ଆସିଲେ କାନର ପରଦା ଫାଟି ଯିବା ପରି ଉଦବେଗ ଜନକ ପରିସ୍ଥିତି ସୃଷ୍ଟ ହୁଏ । କାନରେ ଏପରି ପ୍ରବଳ ଯନ୍ତ୍ରଣା ସୃଷ୍ଟି ହୁଏ ଯେ ପୀଡ଼ିତ ଜଣକ ଅସମ୍ଭବ ଓ କଷ୍ଟକର ଯନ୍ତ୍ରଣା ପାଏ । ଅନେକ କ୍ଷେତ୍ରରେ ଇଏନଟି ବିଶେଷଜ୍ଞ ମେଡ଼ିସିନରେ ଏହାର ଉପଶମ ନ ହେଲେ ଅସ୍ତ୍ରୋପଚାର କରିଥାନ୍ତି ।

ଆପଣ ଥଣ୍ଡାଜାତୀୟ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ । ବାହାରର ଖାଦ୍ୟ ନଖାଇବା ଭଲ । ଧୂଳି, ଧୂଆଁ ଓ ତୀବ୍ର କ୍ଷମତାସମ୍ପନ୍ନ ବାଜା ବା କୌଣସି ଗୀତ ଶୁଣିବା ଠାରୁ ଦୂରେଇ ରୁହନ୍ତୁ । ଘଣ୍ଟା ଘଣ୍ଟା ଧରି କାନରେ ଇୟର ଫୋନ ବା ଇୟର ହେଡ଼ ବ୍ୟବହାର କରନ୍ତୁନାହିଁ । କାନର ପୁଡା ପରିଷ୍କାର ରଖନ୍ତୁ । ପାଣିରେ ବୁଡ଼ି ଗାଧୋଉଥିଲେ ବା ଘରେ ସାୱାରରେ ସ୍ନାନ କରୁଥିଲେ କାନ ଭିତରକୁ ଯେପରି ପାଣି ପଶି ପାରିବ ନାହିଁ ସେ ଦିଗକୁ ଦେଖନ୍ତୁ । କାନ କୁଣ୍ଡାଇ ହେଉଥିଲେ ହାତରେ ଯାହା ଗୋଟା ପଡ଼ିଲା କାନ ଭିତରକୁ ପ୍ରବେଶ କରାନ୍ତୁ ନାହିଁ । କେତେବଳେ ଆପଣଙ୍କ କାନ ଭିତରୁ କୌଣସି ଅସ୍ୱାଭାବିକ ଲକ୍ଷଣ ଆପଣଙ୍କୁ ଲାଗିଲେ ବା ବେଳେ ବେଳେ ଆପଣଙ୍କୁ କମ ଶୁଭିବା ପରି ଅନୁଭବ ହେଲେ ବିଶେଷଜ୍ଞଙ୍କ ପରାମର୍ଶ ହିଁ ନିଅନ୍ତୁ । ଦେଶୀୟ ଚିକିତ୍ସା ବା କୌଣସି ହାତ ତିଆରି ତେଲ, ବା ବାମ୍ଫ କାନ ଭିତରକୁ ପୁରାନ୍ତୁ ନାହିଁ । ଶୀତ ଦିନେ ପ୍ରାତଃ ଭ୍ରମଣ ଅଭ୍ୟାସ ଥିଲେ କୁହୁଡ଼ି ଭରା ପରିବେଶରେ ବାହାରକୁ ଯାଆନ୍ତୁ ନାହିଁ । ଏହିପରି କିଛି ସର୍ବନିମ୍ନ କାନର ଉପଶମକାରୀ ବା ସତର୍କତାକୁ ମାନିଲେ ଆପଣଙ୍କର ଇୟର ବାରୋଟ୍ରମା ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ବି ରହିବ ନାହିଁ । ଏହା ସେପରି ବଡ଼ ଯନ୍ତ୍ରଣା ଦାୟକ ସମସ୍ୟା ନୁହେଁ କିନ୍ତୁ ଏହା କାନର ମାମୁଲି ଅବସ୍ଥା ଭାବିବେ ନାହିଁ । ପ୍ରଥମରୁ ହିଁ ବିଶେଷଜ୍ଞଙ୍କ ପରାମର୍ଶ ଓ ଆପଣଙ୍କ ସ୍ୱାସ୍ଥ୍ୟ ଭିତ୍ତିକ ସତର୍କତା ଏଥିରୁ ଆପଣଙ୍କୁ ମୁକ୍ତି ଦେଇପାରିବ ।



ନାରାୟଣ ଚନ୍ଦ୍ର ବିଶ୍ୱାଳ

♥ ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନି'
କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ,
(ମୋ) : ୯୪୩୮୨୭୬୭୭୦

ପଢିବା ପରେ

# ଭାଗ୍ୟ ଭଗ୍ନାଂଶର ମାର୍ମିକ ଭାଗଶେଷ : ଅମ୍ରିତାଙ୍କ 'ଦେହ ଦିହୁଡ଼ି'

ଦେହ ଦିହୁଡ଼ି ମୋ ଦିକିଦିକି ଜଳେ ମଳିନ ଜୀବନ ଦୀପ
ଜୀର୍ଣ୍ଣ ପରାଣ ଦୋଛକିରେ ଆଜି ଅନ୍ଧାରି ମନର ଛାପ
ଦର୍ଶନ ଯା' ପାଶେ ସମର୍ପିଲି ମନ ଦିଅଁର ଆସନ ଦେଇ
ଦେବତା ନୁହେଁ ପାଷାଣ ସାଜିଲା ଦୁର୍ଭାଗେ ମୋହରି ପାଇଁ । (ଦେହ ଦିହୁଡ଼ି)

କବିଟିଏ ସବୁବେଳେ ସ୍ୱପ୍ନରେ ବିଭୋର ହେଲେ ବି ଉଜାଗର ରଖିଥାଏ ନିଜର ତୃତୀୟ ନୟନ । ପଶାପାଲିର ଗୋଟି ଚାଳନା କରିବାରେ ସିଏ ଯେତେବା ଧୂରନ୍ଧର ହେଇ ଥାଉନା କାହିଁକି ରାତିର ସ୍ୱପ୍ନକୁ ସକାଳ ଯାଏ କେହି ବାନ୍ଧିରଖି ପାରେନା । ରାତି ପାହେ, ସ୍ୱପ୍ନ ମିଳେଇ ଯାଏ ଅନ୍ଧାର ସହିତ ପବନ ଛୁଆଁରେ । ଝାପ୍‌ସା ଝାପ୍‌ସା ଛାଇ ଆଲୁଅର ଅସରନ୍ତି ପଥରେ ଚାଲୁ ଚାଲୁ ଜୀବନ ହିଁ ଗାଉଥାଏ ଗୀତ । କେବେ ଏକା ଏକା ତ କେବେ ମୁଖର ବେଳାରେ । କେବେ ହଜେ ତ କେବେ ହଜାଏ । କେବେ ଭିଜେ ତ କେବେ ଭିଜାଏ । ତାର ଆଶା ସ୍ୱପ୍ନ ଆବେଗକୁ ମୁରୁଜ କରି ଜୀବନର ଅଗଣାରେ ଝୋଟି ଆଙ୍କେ । କେବେ ହାରେ, କେବେ ଜିତେ । କିନ୍ତୁ ଜନ୍ମ ମୃତ୍ୟୁର ନଈରେ ଡଙ୍ଗାରେ ବସି କାତ ମାରିବାକୁ ଭୁଲେନା, ଶୂନ୍ୟରେ ବିଲୀନ ହେବା ଯାଏ ବି ସେ ଦେଖୁଥାଏ ଶେଷ ଭିତରେ ଆରମ୍ଭ, ହାରିବା ଭିତରେ ବିଜୟର ସ୍ୱପ୍ନ ।

'ଦେହ ଦିହୁଡ଼ି' କବି ଅମ୍ରିତା ସିଂହଙ୍କର ଚତୁର୍ଥ କବିତା ସଂକଳନ । ଶିକ୍ଷାଦାନକୁ ନିଜର ବୃତ୍ତି ଭାବେ ଗ୍ରହଣ କରିଥିଲେ ମଧ୍ୟ କବି ଅମ୍ରିତା କବିତାକୁ କରିଛନ୍ତି ନିଜର ପ୍ରବୃତ୍ତି । ପ୍ରେମ- ପ୍ରଣୟ, ବିରହ ବେଦନା ସହ ମାନବବାଦ, ସମ୍ପର୍କର ମଧୁରପଣ ତଥା ପ୍ରବୃତ୍ତିର ଶୋଭା ବର୍ଣ୍ଣନା ପାଠକକୁ କରେ ଆନମନା । କଳ୍ପନା ବିଳାସୀ କବି ଅମ୍ରିତା ସିଂହ ଏକ ବର୍ଣ୍ଣିଳ ପୃଥିବୀରେ ପଦଚାରଣା କରନ୍ତି । ଦିଗନ୍ତଭେଦୀ ଇଚ୍ଛା ତାଙ୍କ ଉଦାସୀ ନୟନରେ ଭସାମେଘ ହୋଇ ଉଜୁଡ଼ା ପ୍ରେମର ମୁକୁଳା ପଣରେ ମଉଳା ମନର ଦାଗଟିଏ ହୋଇ ବିଳାପି ପାରେ ।

ତାଙ୍କ କବିତା କହେ-

ଯନ୍ତ୍ରଣା ଜୁଇରେ ଜୀବନ ଜଳୁଛି ଦୁଃଖର ଜହର ପିଇ
ମରି ମରି ନିତି ଜୀଇଁବାକୁ ହୁଏ କୁହୁଳା ନିଆଁରେ ଶୋଇ
\+ \+ \+ \+
ମନ ମେଳଣର ମିଳନ ପର୍ବରେ ଲେଖା ବିଚ୍ଛେଦର ଯୋଗ
ଏତେ ପରେ ପୁଣି ତଥାପି କହୁଛି ଏତ ପ୍ରୀତିର ପୂର୍ବରାଗ । (ପୂର୍ବରାଗ)

କବିଙ୍କ କବିତାରେ ମେଘ ମେଳଣ ରଚେ, ଜହ୍ନ ମଶାଲ ଜାଳେ, ମନର ବୀଣା ମଲ୍ଲାର ରାଗ ତୋଳେ, ହୃଦୟବନରେ ମୟୂର ନାଚେ, ମଉନ ତେଜି ମଲା ନଈର ଧାର ମୁକୁଳି ଆସେ। କବି ଚିରକାଳ ଗୋଟେ ଆଶାବାଦର କଥା କହେ, ଗୋଟେ ସ୍ୱପ୍ନର ନୌକାରେ ବସି ଜୀବନ ନଈ ପାରିହୁଏ । ମିଳୁପଛେ ସାଧାରଣ ପରିଣତି କିନ୍ତୁ ଗୋଟେ ଅସାଧାରଣ ହେବାକୁ ଇଚ୍ଛା ଭିତରେ ସେ ଜୀଏଁ । କବି ଅମ୍ରିତାଙ୍କ କବିତାରେ ପରିପକ୍ୱ ଭାବ, ଶବ୍ଦ ଏବଂ ସାଂଗୀତିକତାର ଯେଉଁ ମଧୁର ସମନ୍ୱୟ ଦୃଶ୍ୟମାନ ହୁଏ ତାହା ସତରେ ଅତୁଳନୀୟ ।

ମମତା ବାଟ କଢ଼େଇ ନେଇ ମାୟା ମହଲ ତୋଳେ
ମରଣ ପୁଣି ଲେଉଟି ଯାଏ ସପନ ଉପକୂଳେ
ମଳିନ ପଡ଼େ ମୌସୁମୀ ସାଥେ ଜୋଛନା ଭିଜା ରାତି
ମଉଳା ମନ ଆକୁଳେ ଖୋଜେ ତମକୁ ଦିନରାତି । (ମନମଲ୍ଲୀ)

ମନମଲ୍ଲୀ କବିତାର ସବୁଧାଡ଼ିର ପ୍ରଥମ ଅକ୍ଷର 'ସ'ରୁ ଆରମ୍ଭ ହେବା ପରି ଏହାର ଅନେକ କବିତା ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଷରରେ ଆରମ୍ଭ ହୋଇ ଶେଷ ଧାଡ଼ି ପର୍ଯ୍ୟନ୍ତ ସେଇ ଅକ୍ଷର ବଜାୟ ରହିବା କବି ଅମ୍ରିତାଙ୍କ କବିତାର ବିଶେଷତ୍ୱ ।

'ଜୀବନ ପ୍ରତିଚ୍ଛବି' ଠାରୁ ଆରମ୍ଭ କରି 'ଭାଇ; ଭରା ନଈ କାତ'ରେ ଶେଷ ହୋଇଥିବା କବିତା ଯାତ୍ରା । ଭିତରେ ସମୁଦାୟ ବୟାନବେଟି କବିତା ଏକୁ ଆରେକ ବଳୀୟାର ଭଳି ସବୁ






କବିତା ଗୁଡ଼ିକ ମାର୍ମିକ, ମନୋଜ୍ଞ ଏବଂ ମହିମ୍ନ । କେତେବେଳେ ତାଙ୍କ କବିତାର 'ବିରହୀ ବୈଶାଖ' ସାଜି ନିଜ ଲୁହ ନିଜେ ପିଇ ଜଳୁଥାଏ ତ କେତେବେଳେ 'ସମୟ ସବାରି'ରେ ବସି ଗୋପନରେ ମାଖୁଥାଏ ସପନରେ ସାତରଂଗ । କେବେ ପୁଣି 'ଭାଗ୍ୟ ଭଗ୍ନାଂଶ'ର ଭାଗକ୍ରିୟାରେ ମିଳିଥିବା ଭାଗଶେଷକୁ ହତାଶ ଲୁହର ସୁଅରେ ଭସେଇ ଦେଇ ଗଢ଼ିବସେ 'ତାରୁଣ୍ୟର ତପୋବନ' । 'ଚନ୍ଦନ ବନର ଛାଇ'ରେ ବସି କବିଟିଏ ହିଁ ମାପିପାରେ 'ମାଟିରୁ ଆକାଶ'ଯାଏ ଦୂରତାର ଦୈର୍ଘ୍ୟ ।

କବି ଲେଖନ୍ତି-

ମଟାଳ ମାଟିର ମୁରୁଝା ଲତା ମୁଁ ଦୁଃଖର ଝାଞ୍ଜି ସହି
ଅଭାବ ଡହକେ ଡହଳେ ବିକଳେ ଝାଉଁଳି ରହିଛି ଚାହିଁ
ଆସିବ ମୌସୁମୀ ଛୁଇଁ ଦେଇଯିବ ପୁଲକେ ଉଠିବି ଚେଇଁ
ସୁଖର ସ୍ୱପ୍ନ ପଲ୍ଲବେ ଯିବି ନବ ପଲ୍ଲବିତ ହୋଇ । (ମାଟିରୁ ଆକାଶ)

କୋଉଠି କୋଉଠି କବି କରିଛନ୍ତି ଜୀବନ ସହିତ ବୁଝାମଣା । ତାଙ୍କ କବିତାରେ କୋଉଠି ଭାସିଯିବାର ଛଳଛଳ ପଣ କଳକଳ କରି ପୁଲକି ଉଠୁଥିବା ବେଳେ କୋଉଠି ଉଦାସୀ ସଂଜର ବିରହ ବେଦନା ଅନ୍ଧଗଳିର ଅର୍ଦ୍ଧଳିରେ ଲେଖିଛି ଅଲିଖିତ ଅଭିଯୋଗ ।

ସମୟ ସୁଅରେ ସିଆର କାଟି ମୁଁ ପାଇଥିଲି ଯେଉଁ କୂଳ
ସମାଜ ଶିଳାର ନିଷ୍ଠୁରପଣ ସେ କପଟର ଗୋଟେ କୋଳ ।
କୁଟିଳତା ଯହିଁ କଂଟା ବିଛାଇଛି ଫୁଲର ଶେଯ ମୁଁ ଭାବି
ହୃଦୟକୁ ସେଠି ଲୋଟାଇ ଦେଇଛି ଆଙ୍କି କଳ୍ପନାର ଛବି । (ଆଶାର ଦୀପାଳ)
\+ \+ \+ \+ \+
ବିଷ ବଳୟରେ ବିଶ୍ୱାସ ବିଳପେ ବିଡମ୍ବନା ହାତ ଧରି
ନିରାଶା ନଅରେ ନଜରବନ୍ଦୀ ମୁଁ ଆଶା ବଢ଼ିଯାଏ ଝଡ଼ି
ସମୟ ଟାଣିଛି ତୋ ମୋ ମଝିରେ କଠୋର ଲକ୍ଷ୍ମଣରେଖା
ଅଦୃଶ୍ୟ କେଉଁ ଆତତାୟୀ କାଳେ ଲିଭାଇବ ଭାଗ୍ୟରେଖା । (ନିୟତିର ଅଭିସନ୍ଧି)

\+ \+ \+ \+ \+
ମନ ଆକାଶରେ ଆଙ୍କିଥିଲି ଯେଉଁ ଇଚ୍ଛାର ଇନ୍ଦ୍ରଧନୁ
ହଜିଗଲା ସିନା ପାହାଡ଼ ଉହାଡ଼େ ତା' ରଂଗ ଲିଭିନି ମନୁ
ଅନ୍ତରତଳ ଅଦେଖା କୋହ ପଲକ ତଳର ଲୁହ
ବେଳ ଅବେଳରେ ଉଚ୍ଛୁଳି ଉଠନ୍ତି ଦିଶିଗଲେ ତାର ମୁହଁ । (ଇଚ୍ଛାର ଇନ୍ଦ୍ରଧନୁ)

'ଦେହ ଦିହୁଡ଼ି'ର ସବୁ କବିତାରେ ଭର୍ତ୍ତି ହୋଇଛି ଛଳଛଳ ଢ଼ଳଢ଼ଳ, ସରଳ, ତରଳ ଗୀତିମୟତା । କବିତା ଗୁଡ଼ିକୁ ସାମଗ୍ରୀକ ଭାବେ ଦୃଷ୍ଟିପାତ କଲେ, ତା' ଭିତରୁ ସ୍ପଷ୍ଟ ଭାବରେ ଯେଉଁ ରୂପଟି ଫୁଟିଉଠେ, ତାହା ଗୋଟେ ନିରୁତା ଅଭିମାନର, ଅଭିଯୋଗର । ବାସ୍ତବତା ସହ ଆଶା ଆକାଂକ୍ଷା ସବୁ ସମତାଳରେ କିନ୍ତୁ ନିର୍ଦ୍ଦିଷ୍ଟ ଦୂରତାରେ ବାଟ ଚାଲିବା ପରି ସେମାନେ ପ୍ରତି କବିତାରେ ପ୍ରତି ପଙ୍‌କ୍ତିରେ ଏମିତିକି ପ୍ରତିଟି ଧାଡ଼ିରେ ହାତ ଧରାଧରି ହୋଇ କବିଙ୍କ ପାଇଁ ତିଆରି କରିଦେଇଛନ୍ତି ଗୋଟେ ବଳୟ, ଯାହା ଭିତରେ ନଈ ସେପାରିର ନିରବତା ସହ ଅଛି ବି ମଉଳା ମଧ୍ୟାହ୍ନ । ଆଶାର ଆଷାଢ଼ ଅଛି, ଅଛି ବି କାମନାର କାରୁବାକୀ । ଅଭିମାନ ଅଛି, ସ୍ମୃତି ଅଛି, ସମ୍ପର୍କ ଅଛି, ଅଛି ବି ପ୍ରୀତି ପାରିଜାତ। ସମୟ, ଅଭିସନ୍ଧି ସମର୍ପଣ, ମରଣ ଭିତରେ ତମେ, ତମେ ଓ ମୁଁ, ତମ ପାଇଁ, ତମ ବିନା, ସମସ୍ତେ କବି ଅମ୍ରିତା ସିଂହଙ୍କ ମନ ଉପବନରେ ବସି ଘାରି ହୁଅନ୍ତି ମାୟାରେ, ଗାଆନ୍ତି ଜୀବନର ଜୟଗାନ ।

ଚମତ୍କାର ଶୀର୍ଷକମାନଙ୍କ ଭିତରେ ବେଶ୍ ଜାଜ୍ୱଲ୍ୟମାନ ଦିଶୁଛି କବିଙ୍କ ପ୍ରେମ ଓ ବିରହ। ଦୂର ଦିଗନ୍ତକୁ ମୁହଁ କରି ବାଟ ଚାଲୁ ଚାଲୁ କବି ସଯତ୍ନରେ ସାଇତି ରଖିଛନ୍ତି ଲୁହଟୋପାକୁ ସୁନାର ଫରୁଆ ଭିତରେ । ଜୀବନରେ ଗଣିତକୁ ଗ୍ରହଣ କରିଥାନ୍ତୁ ବା ନାହିଁ କିନ୍ତୁ କବିତାରେ ଭାଗକ୍ରିୟାକୁ ଶେଷ ପର୍ଯ୍ୟନ୍ତ ସଜାଡ଼ି ରଖିଛନ୍ତି କେତେଟା କବିତାରେ ।

ଭାଗକ୍ରିୟାରେ ଭାଜକ ସାଜି ଭାଗଫଳ ବାଣ୍ଟିଥାଏ
ଭାଗବଣ୍ଟାରେ କଳଙ୍କ ପିନ୍ଧି ଭଗାରୀ ଆଖ୍ୟା ପାଏ
ଭାବ ଭୂବନ ଭବ୍ୟ ବେଦୀରେ ଝଟକେ ତା' ଅନୁରାଗ
ଭାଗ ଭୋଗିବାକୁ ଛାତି ପତାଇ ଦୁଃଖ କରୁଥାଏ ଭାଗ ।

ସହଜ ଓ ବୋଧଗମ୍ୟ ଭାଷା, ଭାବ ଓ ଉପସ୍ଥାପନାର ଅତୁଳନୀୟ ସମ୍ମିଶ୍ରଣ ଭାବେ ଅମ୍ରିତା ସିଂହଙ୍କ 'ଦେହ ଦିହୁଡ଼ି' ନିଶ୍ଚିତ ଭାବେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଏଥିରେ ଦ୍ୱିମତ ନାହିଁ । ଅନେକ ଅନୁଭବର ନିର୍ଯ୍ୟାସକୁ ନେଇ କବି ଅମ୍ରିତାଙ୍କ ଚେତନାର ଧରା ପାଠକ ଶ୍ରେଣୀ ପାଇଁ ଯେମିତି ଗୋଟେ ଗୋଟେ ଜୀବନ ଜ୍ୟାମିତିର ଉପପାଦ୍ୟ । ପ୍ରାଣରୁ ପ୍ରାଣକୁ ଛୁଇଁ ଯାଉଥିବା ଗୋଟେ ଗୋଟେ ଭାବବତୁରା ଅନୁଶୀଳନ, ଲୁହ ଓ କୋହର ଅସମାପ୍ତ ଅଧ୍ୟାୟ । ତାଙ୍କ 'ଦେହ ଦିହୁଡ଼ି'ରେ ରହିଛି ଯେଉ ନିରାଡ଼ମ୍ବର ଶବ୍ଦ ଓ ଛନ୍ଦର ପଟୁଆର ତାହା କବିଙ୍କୁ ନିଶ୍ଚିତ ଭାବେ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିବ, ଏହା ନିଃସନ୍ଦେହ ।

ପୁସ୍ତକଟିକୁ ପ୍ରକାଶ କରିଛନ୍ତି ବର୍ଷା ପବ୍ଲିକେଶନ, ଭୁବନେଶ୍ୱର । କବି ଅମ୍ରିତାଙ୍କର ଠିକଣା- ଅମ୍ରିତା ସିଂହ, ମାର୍ଫତ୍ ବସନ୍ତ କୁମାର ସାମଲ, କଳାଶ୍ରୀ, ଯାଜପୁର- ୭୫୪୨୯୨
(ମୋ) ୯୯୩୮୦୩୪୦୯୪



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

# ସମସ୍ତେ ଟଙ୍କା ପାଇଁ ପାଗଳ

ଗୋପାଳ ମହାପାତ୍ର



କଥାରେ ଅଛି ଟଙ୍କା ହେଉଛି ଆଜିର ସମୟର ଚଳନ୍ତି ଭଗବାନ । ଟଙ୍କାର ଆବଶ୍ୟକତା ସମସ୍ତଙ୍କର ରହିଛି ଓ ସମସ୍ତେ ଅଧିକରୁ ଅଧିକ ଟଙ୍କା ରୋଜଗାର ପାଇଁ ଉଦ୍ୟମ ମଧ୍ୟ କରନ୍ତି । କିନ୍ତୁ ଏହି ଟଙ୍କା ମଧ୍ୟ ଅନେକ ସମୟରେ ମଣିଷକୁ ଅସୁବିଧାରେ ପକାଇପାରେ । ଏକଥା ରାଜ୍ୟସଭା ସାଂସଦ ଓ ମଦ ବ୍ୟବସାୟୀଧିରଜ ସାହୁଙ୍କ କ୍ଷେତ୍ରରେ ଘଟିଛି । ଏଇ କିଛି ଦିନ ତଳେ ଝାରଖଣ୍ଡର କଂଗ୍ରେସୀ ସାଂସଦ ଧୀରଜ ସାହୁଙ୍କ ପାଖରୁ ମିଳିଛି ୩୫୦କୋଟିରୁ ଅଧିକ ନଗଦ ଟଙ୍କା । ସାହୁଙ୍କ ଘର ତଲାସି ବେଳେ ତଲାସି କରିବାକୁ ଆସିଥିବା ସଂସ୍ଥାର ଅଧିକାରୀମାନେ ଟଙ୍କା ଗଣି ଗଣିହଲିଆ ହୋଇଯାଇଥିଲେ । ନୋଟ ଗଣିବା ମେସିନ ମଧ୍ୟ ଟଙ୍କା ଗଣି ଗଣି ଥକିଯାଇ ଖରାପ ହୋଇଯାଇଥିଲା । ସାହୁ ଏଭଳି ପ୍ରସଙ୍ଗରେ ଇତିହାସ ସୃଷ୍ଟି କରିଛନ୍ତି ବୋଲି କୁହାଯାଇପାରେ । କାରଣ ଅର୍ଥନୈତିକ ଅପରାଧର ତଦନ୍ତ କରୁଥିବା ସଂସ୍ଥାମାନେ ତଲାସି ବେଳେ ଏତେ ପରିମାଣର ନଗଦ ଟଙ୍କା କେବେ ଜବତ କରିନଥିଲେ । ସାହୁଙ୍କ ଆଗରେ ଝାରଖଣ୍ଡର ଆଇଏଏସ୍ ପୂଜା ସିଂଘଲ ମଧ୍ୟ କିଛି ନୁହଁନ୍ତି । ଇଡି ପକ୍ଷରୁ ଛାପାମରାଯାଇଥିଲା ଓ ପୂଜାଙ୍କ ଘରୁ ୨୦କୋଟି ନଗଦ ଟଙ୍କା ମିଳିଥିଲା । ପଶ୍ଚିମବଙ୍ଗର ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜିଙ୍କ ବନ୍ଧୁ ଅର୍ପିତାଙ୍କ ଘର ତଲାସି ବେଳେ ୨୧କୋଟି ଟଙ୍କା ମିଳିଥିଲା । ଦୁଇବର୍ଷ ପୂର୍ବେ ଉତ୍ତର ପ୍ରଦେଶର ପରଫ୍ୟୁମ ବ୍ୟବସାୟୀ ପିୟୁଷଜୈନଙ୍କ ଘର ତଲାସି ବେଳେ ନଗଦ ୧୫୦କୋଟି ଟଙ୍କା ମିଳିଥିଲା । ସେତେବେଳେ ଆୟକର ବିଭାଗ ତାକୁ ସବୁଠୁ ବଡ ରିକଭରୀ ବୋଲି କହିଥିଲା । କିନ୍ତୁ ଧିରାଜ ସାହୁ ଏବେ ସବୁ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। କଥା ହେଉଛି ତଲାସିବେଳେ ଯେତିକି ମିଳିଛି ବା ତଦନ୍ତକାରୀ ସଂସ୍ଥାମାନେ ଯାହା ଜାଣି ପାରିଛନ୍ତି ତାଠାରୁ ଅଧିକ ମଧ୍ୟ ମିଳିପାରେ ବୋଲି କୁହାଯାଉଛି । କିନ୍ତୁ ସବୁ କଥା ଯେ ବାହାରକୁ ଆସିବ ସେ କଥା କୁହାଯାଇପାରିବ ନାହିଁ ।

ଟଙ୍କାର ଗୁରୁତ୍ୱ ତାମିଲନାଡୁରେଇଡିର ଅଧିକାରୀ ଅଙ୍କିତ ତିୱାରୀ ମଧ୍ୟ ବୁଝିଥିଲେ ଯିଏ ୨୦ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଧରାପଡିଥିଲେ । ସେହିପରି ଅହମଦାବାଦରେ ଇଡିରଡେପୁଟି ଡାଇରେକ୍ଟର ପି କେ ସିଂହ ଏବଂ ଆସିଷ୍ଟାଣ୍ଟ ଡାଇରେକ୍ଟର ଭୁବନେଶ କୁମାର ୫ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଧରାପଡିଥିଲେ । ଏ କଥାର ଅବତାରଣା କରିବାର ଉଦେଶ୍ୟ ହେଉଛି ଧରାପଡୁଥିବା ଲୋକେ ଓ ଧରୁଥିବା ଲୋକେ ସମସ୍ତେ ଟଙ୍କା ପାଇଁ ପାଗଳ । ଟଙ୍କା ତ ଉଡୁଛି ଯିଏ ପାରିଲା ସିଏ ଧରିପାରିଲା ନ ହେଲେ ନାହିଁ। ଅନେକ ଲୋକ ଏମିତି ତଦନ୍ତକାରୀ ସଂସ୍ଥାଙ୍କ ହାତରେ ଧରାପଡିଛନ୍ତି ଓ ଧରାପଡୁଛନ୍ତି। ଚପରାସୀ ଠାରୁ ଆରମ୍ଭ କରି ବଡ ବଡ ଅଧିକାରୀ ଓ ରାଜନେତାଙ୍କ ଘରୁ ମଧ୍ୟ ଏମିତି ଅନେକ ଟଙ୍କା ଧରାପଡୁଛି । ୧୯୯୬ ମସିହାରେ ସିବିଆଇସୁଖରାମଙ୍କ ଘରୁ ୪କୋଟି ନଗଦ ଟଙ୍କା ଜବତ କରିଥିଲା । ସୁଖରାମ ଟେଲିକମ ମନ୍ତ୍ରୀ ଥିବାବେଳେ ଲାଞ୍ଚ ନେଇ ଟଙ୍କା ଠୁଳ କରିଥିଲେ ବୋଲି ସେତେବେଳେ କୁହାଯାଇଥିଲା । ୧୯୯୬ରୁ ଏବେ ପର୍ଯ୍ୟନ୍ତ ୨୭ ବର୍ଷ ମଧ୍ୟରେ ଅନେକ ପରିବର୍ତ୍ତନ ଘଟିଛି । ସେତେବେଳେ ସୁଖରାମଙ୍କ ଘରୁ ୪ କୋଟି ମିଳିଥିଲା ଆଉ ଏବେ ଧିରାଜ ସାହୁଙ୍କ ଘରୁ ୩୫୦ କୋଟିରୁ ଅଧିକ ମିଳିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରସଙ୍ଗ କ୍ରମେ କହିଥିଲେ ଯେ ଭ୍ରଷ୍ଟାଚାର ଏକ ସାର୍ବଭୌମ ଘଟଣାରେ ପରିଣତ ହୋଇଯାଇଛି । ଏଣୁ ଏଥିପାଇଁ ଏବେ ଚିନ୍ତା କରିବା କାହିଁକି ? ଏବେ ଭଷ୍ଟାଚାରରସଜ୍ଞା ପରିବର୍ତ୍ତନ ହୋଇଯାଇଛି ।

ଟଙ୍କା ପ୍ରକୃତ ପକ୍ଷେ ସବୁଠାରୁ ବଡ ଜିନିଷ ଓ ଟଙ୍କା ଅନେକ କାମ କରିପାରେ । ସେଥିପାଇଁ ତ ତେଲେଙ୍ଗାନା ନିର୍ବାଚନ ସମୟରେ ଶହେ କୋଟିରୁ ଅଧିକ ଟଙ୍କା ଜବତ ହୋଇଥିଲା । ଟଙ୍କା ପାଇଁ ତ ସଂସଦରେ ପ୍ରଶ୍ନ କରିବା ପାଇଁ ଓ ଭୋଟ ଦେବା ପାଇଁ ଟଙ୍କାର ଖେଳ ଚାଲେ । ମାୟାବତୀଙ୍କ ବିରୁଦ୍ଧରେ ଟଙ୍କା ନେଇ ଟିକେଟ ଦେବାର ଅଭିଯୋଗ ମଧ୍ୟ ଉଠିଥିଲା । ଟଙ୍କା ପ୍ରସଙ୍ଗରେ ଏକରୁ ଆରେକ ବଳୀୟାନ । ୪ ବର୍ଷ ପୂର୍ବେ ଆୟକର ଅଧିକାରୀମାନେ ତାମିଲନାଡୁର ବେଲୋରରଜଣେଡିଏମକେ ନେତା ପି ଶ୍ରୀନିବାସନଙ୍କ ଘର ତଲାସି କରି ୧୧.୫୩ କୋଟି ଟଙ୍କା ଜବତ କରିଥିଲେ ଓ ଏହା ପରେ ବେଲୋର ଲୋକସଭା ନିର୍ବାଚନ ରଦ୍ଦ କରାଯାଇଥିଲା । ଏଇ ବର୍ଷ ଇଡିତାମିଲନାଡୁର ମନ୍ତ୍ରୀ ପୋନମୁଡି ଏବଂ ତାଙ୍କ ସାଂସଦ ପୁତ୍ରଙ୍କ ଘରୁ ୮୨ଲକ୍ଷର ନଗଦ ଟଙ୍କା ଜବତ କରିଥିଲେ । ଗତବର୍ଷ (୨୦୨୩) ମଧ୍ୟ କର୍ଣ୍ଣାଟକର ବିଜେପି ବିଧାୟକ ଏବଂ ତାଙ୍କ ପୁଅଙ୍କ ଘରୁ ୮କୋଟି ଟଙ୍କା ଜବତ ହୋଇଥିଲା । ଚାରା ଦୁର୍ନୀତିରେ ୧୯୯୯ରେ ବିହାରର ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ମହାବୀର ପ୍ରସାଦଙ୍କ ପାଖରୁ ସିବିଆଇ ୮୨ ଲକ୍ଷ ନଗଦ ଟଙ୍କା ଜବତ କରିଥିଲା । ରାଷ୍ଟ୍ରୀୟ ଜନତା ଦଳର ମୁଖ୍ୟ ଲାଲୁ ଯାଦବଙ୍କ ପୁତ୍ର ତେଜସ୍ୱୀଯାଦବଙ୍କ ଘର ତଲାସି କରି ଇଡି ୭୦ଲକ୍ଷ ଟଙ୍କା ଓ ଦେଢ କେଜି ସୁନା ଜବତ କରିଥିଲା । ଏଭଳି ଘଟଣାର ତାଲିକା ମଧ୍ୟ ଲମ୍ବା।

ନଗଦ ଟଙ୍କା ଜବତ କଥାକୁ ଛାଡି ଯଦି ସୁନା ଗହଣା, ଫିକ୍ସଡ ଡିପୋଜିଟ୍, ଶେୟାର, ପ୍ରପର୍ଟି କଥା ପଡେ ତେବେ ମୁଣ୍ଡ ଘୁରିଯିବ। ରାଜକୀୟ ପ୍ରାସାଦ, ଗାଡି ଏବଂ ଜୀବନ ଶୈଳୀକୁ ଦେଖିଲେ ଆହୁରି ଅଧିକ କଥା ମଧ୍ୟ ଜଣାପଡିବ । କିନ୍ତୁ ଗୋଟିଏ କଥା ବୁଝାପଡୁ ନି ଟଙ୍କା ତ ଜବତ ହେଉଛି ତେବେ ସେ ସବୁ ଯାଉଛି କୁଆଡେ ? କ'ଣ ଆୟକର ବିଭାଗ ଆୟକର ବାବଦ ଅର୍ଥ କାଟି ବଳକା ଟଙ୍କା ଫେରାଇ ଦେଉଛନ୍ତି ନା ସବୁ ଜବତ ଟଙ୍କା ସରକାର ଜବତ କରୁଛନ୍ତି? ଯାହାର ଟଙ୍କା ଜବତ ହେଉଛି ତାକୁ ମିଳୁଛି କ'ଣ ? ଏସବୁ ରହସ୍ୟ ଅଟେ। ଯେଉଁମାନଙ୍କ ଘରୁ କୋଟି କୋଟି ଟଙ୍କା ଜବତ ହେଉଛି ପରବର୍ତ୍ତୀ ସମୟରେ ସେମାନଙ୍କ ଭିତରୁ କେହି ଦରିଦ୍ର ଭଳି ଜୀବନଯାପନ କରୁଥିବାର ତ ଦେଖାଯାଉ ନାହିଁ । ଅର୍ଥାତ ତଲାସି ଓ ଜବତ ଯୋଗୁଁ ସେମାନେ ବିଶେଷ କ୍ଷତି ଗ୍ରସ୍ତ ହେଉନାହାଁନ୍ତି। ଏବେ ଦେଶ ୩ ଟ୍ରିଲିୟନ ଅର୍ଥ ବ୍ୟବସ୍ଥାରେ ପରିଣତ ହେଲାଣି ଓ ଆଉ କିଛି ବର୍ଷ ପରେ ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥାରେ ପରିଣତ ହେବ ବୋଲି କୁହାଯାଉଛି । ଏଣୁ ଅର୍ଥ ବ୍ୟବସ୍ଥା ବୃଦ୍ଧି ପାଇଲେ ଅଧିକ ଲୋକଙ୍କ ପାଖରେ ଅଧିକ ଅର୍ଥ ମଧ୍ୟ ରହିବ। ଆଉ ବୈଦ୍ୟନାଥନଙ୍କ ଅନୁମାନ ଅନୁସାରେ ବିଦେଶୀ ବ୍ୟାଙ୍କରେ ଭାରତର ( କିଛି ଲୋକଙ୍କର ) ୭୨ ଲକ୍ଷ ୮୦ ହଜାର କୋଟି ଟଙ୍କା ଜମା ରହିଛି । ବିଦେଶରେ ରଖିବା ଠାରୁ ଘରେ ରଖିବା ଭଲ । କିନ୍ତୁ ସବୁ ପରେ ଗୋଟିଏ କଥା ସ୍ପଷ୍ଟ ଯେ ଧିରାଜ ସାହୁଙ୍କ ଭଳି ଅନେକ ଅଛନ୍ତି ଯେଉଁମାନେ ଆଇନକୁ ଆଖିଠାର ମାରି ଚାଲିଛନ୍ତି । ଧିରାଜ ସାହୁଙ୍କ ଘଟଣା ପରେ ତଦନ୍ତକାରୀ ସଂସ୍ଥାମାନଙ୍କ ପାରିବା ପାଣିଆକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଅର୍ଥ ହିଁ ସବୁ କିଛି ବୋଲି ଚର୍ଚ୍ଚା ଚାଲିଲାଣି ।

♥ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ଏ ସପ୍ତାହର ଗପ

# ଗରିବ ଲୋକ

ସିଦ୍ଧେଶ୍ୱର ତ୍ରିପାଠୀ





ସାହୁ ବାବୁ ଚାକିରୀ ଖଣ୍ଡେ କରିଥିଲେ । ଏବେ ପେନସନ ପାଉଛନ୍ତି ଚାକିରୀ କାଳ ଭିତରେ ବହୁ କଷ୍ଟରେ ପାଞ୍ଚଟି ଝିଅକୁ ବାହା କରି ଦେଇଛନ୍ତି । ପୁଅକୁ ଚାହିଁ ଚାହିଁ ପାଞ୍ଚଟି ଝିଅ ହେଇଗଲେ । ପୁଅ ତାଙ୍କ ଭାଗ୍ୟରେ ନାହିଁ ଏମିତି କହି ହୁଅନ୍ତି ସାହୁ ବାବୁ । ଛୋଟିଆ ଚାକିରୀ ସାତ ପ୍ରାଣୀ କୁଟୁମ୍ବ ଚଳେଇଲେ । ପିଲାଏ ସବୁ ଦଶମ ଯାଏ ପଢିଲେ। ତେଲ ଲୁଣ ଦେହ ମୁଣ୍ଡ ବନ୍ଧୁ ବାନ୍ଧବ ବାହା ବ୍ରତ ସବୁ ସେଇ ଗୋଟିଏ ରୋଜଗାରରେ ଚାଲେ । ସବୁ ଝିଅଙ୍କ ଦୁଆର ବାହା ଯଉତୁକ ତାପରକୁ ପୁନିଅଁ ପରବ ନାତି ନାତୁଣୀଙ୍କ ଏକୋଇଶିଆ ଆଉ କୋଉଠୁ ବଳିବ ।

ଟିଣ ଛପର ଘର ଦି'ବଖରା ଅଛି ଆଉ ଅଧାବାଡିରେ ପାଇଖାନାଟାଏ। ଏବେ ବୁଢ଼ାବୁଢ଼ୀ ଏଇ ବୟସରେ ହାଣ୍ଡି ଚୁଲି ଧରି ଚଳିବା ଭାରି କଷ୍ଟ ହେଉଛି । ଏବେ କିଛିଦିନ ହେଲା ସାହୁ ବାବୁଙ୍କର କଣ ପେଟ କାଟୁଛି ବହୁତ କଷ୍ଟ ତା' ସାଙ୍ଗକୁ ବାନ୍ତି ମୁଣ୍ଡ ବିନ୍ଧା ଧିରେ ଧିରେ ରୋଗ ସଂଖ୍ୟା ବଢି ଚାଲିଛି ତା ପଛକୁ ତା ପଛ ।

ଏ ଡାକ୍ତରଖାନାରୁ ସେ ଡାକ୍ତର ଖାନା ବୁଲି ବୁଲି କେତେ ପରୀକ୍ଷା ନିରୀକ୍ଷା କଲାରୁ ଜଣା ପଡିଲା କ'ଣ ଗୋଟେ ବଡ଼ ରୋଗ ହେଇଛି । ଅପରେସନ ହବ ବହୁତ ଟଙ୍କା ଦରକାର ।

ଯାହା ଦଶ ତିରିଶ ହଜାର ଥିଲା ସିଏତ ରୋଗୀର ପରୀକ୍ଷା ନିରୀକ୍ଷାରେ ସରିଗଲା । ପାଞ୍ଚ ପାଞ୍ଚଟା ଜୋଇଁ ସବୁ ଶଶୁରଙ୍କୁ ଦେଖି ଆସିଲେ ସେଉ କମଳା ଦେଇ ତାଙ୍କ କାମ ସାରିଦେଲେ ।

ନାଇଁ ବୋଲି ସାନ ଝିଅଟି ଆସି ଚାରିଦିନ ହେଲା ବାପାର ସେବା କରୁଛି । ନହେଲେ ବୁଢ଼ୀ ତ ନଇଁ ନଇଁ କି ସବୁ କାମ କରୁଥିଲେ । ଡାକତର କହିଲେଣି ଅପରେସନ ହବ । ଦୁଇଲକ୍ଷ ଟଙ୍କା ଦରକାର । ଏଇ ମାସ ଆରମ୍ଭରେ ଦଶ ହଜାର ପେନସନ ତାହା ପୁଣି ପଥ୍ୟ ଔଷଧକୁ ନିଅଣ୍ଟ । ଜମି ବାଡ଼ି ସୁନା ଗହଣା ଏଇ ଝିଅମାନଙ୍କ ବାହାଘର ପାଇଁ ସବୁତ ଗଲା।

ବୁଢ଼ୀର ମନେ ପଡିଗଲା ପଧାନ ଘର ବୋହୁ କଥା ତାଙ୍କ ଟିକି ପୁଅକୁ କ'ଣ ଗୋଟେ ବଡ଼ ରୋଗ ହୋଇଥିଲା ଯେ ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚ ହେଲା । ହଁ ସିଏ ପରା କହୁଥିଲେ ସବୁ ମାଗଣାରେ ହେଇଗଲା । ବୁଢ଼ୀ ଡାକ୍ତର କତିକି ଦଉଡିଗଲା । ଡାକ୍ତର ବାବୁ ବୁଢ଼ାଟାକୁ ଟିକେ ଭଲ କରିଦିଅ । ସରକାର ତ ପଇସା ଦେବେ ।

ଡାକ୍ତର ବାବୁ ଆଉଜଣେ କର୍ମଚାରୀ ଙ୍କ ସହ କଥା ହେବାକୁ ଇସାରା ଦେଇ ତାଙ୍କ କାମରେ ଚାଲିଗଲେ ।

ମାଉସୀ କାର୍ଡ ଦିଅ ତୁମ ପାଖେ ରାଜ୍ୟ ସରକାରଙ୍କ ଅମୁକ କାର୍ଡ ଅଛି କେନ୍ଦ୍ର ସରକାରଙ୍କ ସମୁକ କାର୍ଡ ଅଛି ?

ବୁଢ଼ୀ ଅବାକ୍ । ନାଇଁରେ ବାପା ଆମ ପାଖରେ ସେ କାର୍ଡ କିଛି ନାହିଁ । ତାହେଲେ ଅପରେସନ କେମିତି ହବ । ସରକାର ଖାଲି ଗରିବ ଲୋକଙ୍କୁ ଏଇ ମାଗଣା ସୁବିଧା ଦିଅନ୍ତି ।

ତୁ ଭଲ କହୁଛୁ ପୁଅ ପଧାନ ଘର ଦି'ତାଲା କୋଠା ଜମି ବାଡ଼ି ଗାଡି ମଟର ତିନି ତିନିଟା ଦୋକାନ ଥାଇ ସିଏ ଗରିବ ଲୋକ ହୋଇ ପାରିଲେ, ତାଙ୍କ ନାତିକୁ ସରକାର ପାଞ୍ଚଲକ୍ଷ ଟଙ୍କା ଦେଇ ଭଲ କଲେ । ମୋ ସ୍ୱାମୀ ଦଶ ହଜାର ପେନସନ ପାଉଛନ୍ତି ବୋଲି ସେ ଧନୀ ହେଇଗଲେ ? ବୁଢ଼ୀ କେତେ କାକୁତି ମିନତୀ ହେଲା ହେଲେ କେହି ତା'କଥା ଶୁଣିଲେନି । ଦୁଇଲକ୍ଷ ଟଙ୍କା ଆଣିଲେ ବୁଢ଼ାଙ୍କ ଅପରେସନ ହବ । ଝିଅ ଜୋଇଁ ବୁଢ଼ାଟା ପାଇଁ କାଇଁକି ବା ଏତେଟଙ୍କା ଦେବେ । କୋଉ ଶଶୁରଙ୍କର ବାଉନ ବାଟି ପଡିଛି ଯେ ଆମ ଭାଗ ପଡିବ !

ସାହୁ ବାବୁ ସେଇ ଡାକ୍ତରଖାନା ଖଟିଆରେ ପଡ଼ିଥାନ୍ତି । ବୁଢ଼ୀଲୋକଟା ନିଜେ ଚାଲିବାକୁ ଅସମର୍ଥ । ସାନ ଝିଅଟି ପାଖରେ ଅଛି ବୋଲି । ଏଇ କଥାଟା କେମିତି କେଜାଣି ଗଣମାଧ୍ୟମ ହାତରେ ପଡିଗଲା । ସେଇ ଗୋଟିଏ ଖବରକୁ ଅନେକ ସଂସ୍ଥା ଭିନ୍ନ ଭିନ୍ନ ଢଙ୍ଗରେ ପରିବେଷଣ କଲେ କାଳେ ତାଙ୍କ ମାଲିକଙ୍କୁ କଷ୍ଟ ହବ ତାଙ୍କୁ ଟିକେଟ ଖଣ୍ଡିକ ମିଳିବାରେ ବାଧା ଉପୁଯିବ ସିଏବି ଗୋଟେ ଦଳରେ ବିଧାୟକ ଅଛନ୍ତି ନାଁ । କିଛି ସହୃଦୟ ବ୍ୟକ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ କିଛି ସାହାଯ୍ୟ କଲେ ହେଲେ ସିଏ ସମୁଦ୍ରକୁ ଶଙ୍ଖେ ଭଳି ।

ଗାଁ ଛକରେ ଚା ପିଉ ପିଉ ଦି'ଚାରିଜଣ କଥା ହେଉଥିଲେ ସାହୁ ବାବୁ ଚାଲିଗଲେ । ଦି'ଲକ୍ଷ କୋଉଠୁ ଆସିବ ଯେ ସେ ଅପରେସନ ହୋଇଥାନ୍ତେ । ହଁ କେନ୍ଦ୍ର ରାଜ୍ୟ ସରକାର ତ ବାହା ବାହା ସାଉଁଟିବାରେ ବ୍ୟସ୍ତ, ଆଗକୁ ଇଲେକ୍ସନ ଆସୁଛି । ମାଗଣା ଚାଉଳ ଛତା ଜୋତା ପକ୍କା ଘର କେତେ ଯୋଜନା । ଧନୀଏ ତ ବଂଚିଯିବେ ଗରୀବ ଚଳିଯିବ ଆଉ ମଧ୍ୟବିତ୍ତ ମଲା; ଚାଉଳ କିଲୋ ଆସି ଚାଳିଶି ଛୁଇଁଲାଣି ।

ମକରା ଆସି ଡାକ ପକେଇଲା ସାହୁବାବୁଙ୍କ ମୃତ ଶରୀର ଗାଁକୁ ଆସିଲାଣି ଆସ ସମସ୍ତେ ଯୋଗାଡ଼ ଯନ୍ତ କରିବା । ଆମେ ନଗଲେ ତାଙ୍କ କାମକୁ କିଏ ଆଉ ଆସିବରେ ସିଏ ପା ଗରିବ ଲୋକ ।

♥ କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

## ଚେତନାର ଦର୍ପଣ - ୧୫

# ସମ୍ପର୍କର ସମୀକରଣ



**♥ ଲଳିତ ମୋହନ ମିଶ୍ର**

ନୂଆ କନା ସିଲେଇ କରିବା ପାଇଁ ଦର୍ଜୀ ପାଖକୁ ଗଲେ, ଦର୍ଜୀ କହେ - ଆଜି ମାପଟା ଟିକେ ନେଇ ଯିବା । ପୁରୁଣା ମାପଟାରେ ଢିଲା କିମ୍ୱା ଟାଇଟ୍ ହୋଇପାରେ ? ଦର୍ଜୀ ନୂଆ ମାପ ନେଇ କନା ସିଲେଇ କରେ । ଅତୀତ ଓ ବର୍ତ୍ତମାନର ପରିବର୍ତ୍ତନ ପାଇଁ ଜଣେ ଦର୍ଜୀ ଯଦି ଏତେ ସଚେତନ ଓ ସତର୍କ, ତେବେ ଆମେ କାହିଁକି ଆମର ସମ୍ପର୍କକୁ ନେଇ ସଚେତନ ହେବା ନାହିଁ ? ବିତି ଯାଇଥିବା ଅତୀତକୁ ଭୁଲି ଆମେ ବର୍ତ୍ତମାନ ଉପରେ କାହିଁକି ନିର୍ଭର କରିପାରୁ ନାହୁଁ ? ଆମେ ଆମ ଜୀବନର ସମୀକରଣକୁ କାହିଁକି ଗ୍ରହଣ କରି ପାରୁନାହୁଁ ? ଯଦି ଆପଣଙ୍କର ଅତୀତରେ କାହା ସହିତ ମନୋମାଳିନ୍ୟ ଘଟିଥିଲା, ତେବେ ବର୍ତ୍ତମାନ ସମୟରେ ଆମେ କାହିଁକି ସେହି ପୁରୁଣା କଥାକୁ ପୁନର୍ବାର ଦୋହରାଇବା । କିଛି ସୁଖର ମିଶାଣ କିଛି ଦୁଃଖର ଫେଡ଼ାଣ.. କିଛି ହସର ଗୁଣନ ଓ କିଛି ଲୁହର ହରଣ... ଏଇତ ଜୀବନର ଅସିମୀତ ସମୀକରଣ । ଦୁଃଖ ସୁଖ ମିଶି ଗଢ଼ା ଏଇ ଦୁନିଆ, ଦୁଃଖକୁ ସୁଖ ମଣି ଚାଲିଯିବା ହେଉଛି ସବୁଠାରୁ ବଡ ମଣିଷ ପଣିଆ । ଦିନେ ସ୍ନେହ ଶ୍ରଦ୍ଧା ପ୍ରେମର କାଉଁରୀ ସ୍ପର୍ଶରେ ଅସାଧ ଜଞ୍ଜାଳ ନିମିଷକ ମଧ୍ୟରେ ସମାଧାନ ହୋଇଯାଉଥିଲା । ଆଜିର ପ୍ରଗତିଶୀଳ ଦୁନିଆରେ ନୂତନ ପିଢି ନିଜର କ୍ଷୁଦ୍ର ପରିବାରଟିରେ ଅଣନିଶ୍ୱାସୀ ହୋଇଉଠୁଛି । ସମ୍ପର୍କର ତିକ୍ତତା, ଭୁଲ ବୁଝାମଣା, ଆତ୍ମଗର୍ବରେ ଭରପୁର ଅଭିମାନ ଓ ସ୍ୱାର୍ଥର ଚକ୍ରବର୍ତ୍ତୀରେ ବନ୍ଧା ପଡିଛି ସମ୍ପର୍କ । ତ୍ୟାଗ, କ୍ଷମା, ସହନଶୀଳତା, ପ୍ରେମ, ଆତ୍ମୀୟତା ଆଜି ସତେ ଯେମିତି ପାଲଟି ଯାଇଛି ଭଗ୍ନ ମନ୍ଦିରର ପରିତ୍ୟକ୍ତ ଶୀଳା । ଶାଶ୍ୱତ ସମ୍ପର୍କର ପୀୟୂଷ ଧାରା ଆଜି ସ୍ୱାର୍ଥ ଓ କାମନାର ମହାମାରୀରେ ସଂକ୍ରମିତ । ସ୍ନେହ ଉଷ୍ମତା ଅଭାବରେ ସମ୍ପର୍କର କମଳଟି ଆଜି ମୂର୍ଚ୍ଛିତ । ଆତିଥ୍ୟ ଅଭିନୟର ମାୟାଜାଲରେ ଶୀଳ କରିଦେଇଛି ଜୀବନର ବାସ୍ତବତାକୁ । ନିଛକ ବସ୍ତୁବାଦର ଆକର୍ଷଣ, ଭୌତିକ ସୁଖର ଅଡୁଆ ଜାଲରେ ଛନ୍ଦି ହୋଇ ସରଳ ଜୀବନରେ ସମ୍ପର୍କର ସହଜ ସମୀକରଣଟି ଜଟିଳ ହୋଇପଡିଛି । ସର୍ବସ୍ୱ ବିନିଯୋଗ କରି ଶେଷରେ ଇଚ୍ଛା ନଥାଇ ବି ଏକୁଟିଆ ଜୀଇଁବାକୁ, ନିସଙ୍ଗ ଜୀବନସହ ନିବିଡତା କରିନେବାକୁ ବାଧ୍ୟ ହୁଅନ୍ତି ବୟସର ସାୟାହ୍ନରେ ପିତା ମାତା । ସମୟର ଲୁଚକାଳି ଖେଳରେ ହାରି ଯାଆନ୍ତି ସେମାନେ । ସମ୍ପର୍କର ସରଳରେଖାରେ ପିଲାମାନେ କିନ୍ତୁ ଆଗେଇ ଯାଆନ୍ତି ବହୁତ ଦୂର । ନିଛକ ପ୍ରେମ, ଅଭିମାନ, ତ୍ୟାଗ ବଳିଦାନର ଭିତ୍ତଭୂମି ଉପରେ ଗଢିଉଠିଥିବା ସ୍ୱାମୀ ସ୍ତ୍ରୀର ସମ୍ପର୍କ ଆଜି ଜରାଜୀର୍ଣ୍ଣ । ଯେଉଁଠି ଦିନେ ଥିଲା ଅତୁଟ ବିଶ୍ୱାସ, ସମର୍ପଣ ଓ ଆତ୍ମୀୟତା ସେଠାରେ ଆଜି କ୍ଷୀଣ ବୁଝାମଣାର ଅଭାବ । ପତି ପତ୍ନୀଙ୍କ ମଧ୍ୟରେ ସମ୍ମାନ, ଦକ୍ଷତା, କ୍ଷମତାର ଅନ୍ତର୍ଯୁଦ୍ଧ ।

ଭାରତର ପୁଣ୍ୟ ଧରାପୃଷ୍ଠରେ ବନ୍ଧୁତ୍ୱ ସମ୍ପର୍କର ଗୌରବାନ୍ୱିତ ଅଧ୍ୟାୟ ଆଜି ପାଲଟିଛି ସ୍ମୃତିହରା ଇତିହାସ ଓ ତ୍ୟାଗ ବଳିଦାନର ସ୍ଥାନ ନେଇଛନ୍ତି ସ୍ୱାର୍ଥକୈନ୍ଦ୍ରୀକ ପ୍ରତିଦ୍ୱନ୍ଦିତା ଜୀବନ । ସମ୍ପର୍କର ଭଗ୍ନ ସେତୁ ଆଜି କେବଳ ଅତୀତକୁ ସ୍ମୃତିଚାରଣ କରୁଛି । ସମୟର ପଶାପାଲିରେ ଆଜି ଅଙ୍କ ବଦଳିବାକୁ ହେଲେ ସମ୍ପର୍କର ଏହି ବିଭଙ୍ଗ ସମୀକରଣକୁ ବଦଳାଇବାକୁ ପଡିବ....

♥ କୁରାଳ, ନୟାଗଡ,
(ମୋ) ୯୪୩୭୯୮୫୮୬୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

**ଡ. ଶ୍ରୀକାନ୍ତ ଚରଣ ପାତ୍ର**

ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

### ( ୧୩ )
### ଏକ ଅଶୁଭଦିନର କରୁଣ କାହାଣୀ ( ୨ )

**ସବୁଠୁ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ପାଇଲୁ ଗୋବରଘାଟା ପ୍ରାଥମିକ ବିଦ୍ୟାଳୟରେ । ଗୋଟିଏ କୋଠରୀର ପକ୍କାଛାତ ଉପରକୁ ଉଡିଯାଇ ପୋଖରୀରେ ପଡିଲା । ଘରଭିତରେ ବସିଥିବା ପିଲା ଓ ଛାତ୍ରଛାତ୍ରୀଙ୍କ ଉପରେ କାନ୍ଥଭାଙ୍ଗି ପଡିବାଯୋଗୁଁ ତା'ତଳେ ଚିପି ହୋଇ ୧୩ ଜଣ ପିଲା ଓ ଜଣେ ଶିକ୍ଷକଙ୍କର ଦୟନୀୟ ଭାବରେ ମୃତ୍ୟୁ ହୋଇଥିଲା । ସେଇ ହତଭାଗ୍ୟ ଶିକ୍ଷକ ଶ୍ରୀକାନ୍ତ ରାଉଳ କ୍ରନ୍ଦନରତ ପିଲାମାନଙ୍କୁ ଆବୋରି ବସିଥାନ୍ତି ।**

ସେତେବେଳଯାଏବି ସେମାନଙ୍କ ମାଆ, ବାପାଓ ଆତ୍ମୀୟ ସ୍ୱଜନଙ୍କର ବିକଳ କାନ୍ଦଣା ବନ୍ଦ ହୋଇନଥାଏ ଯଦିବା ଉଦ୍ଧାରକାରୀ ଦଳମାନେ ସେମାନଙ୍କ ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇସାରିଥିଲେ । ସେଇ ଦୁର୍ଘଟଣା ସମୟରେ ଅଳ୍ପଦୂରରେ ଆଶ୍ରୟ ନେଇଥିବା ପିଲା ଓଶିକ୍ଷକମାନେବି କେବଳ ସେଇ ହତଭାଗ୍ୟ ପିଲାମାନଙ୍କର କାନ୍ଦଣା ଓ ଚିତ୍କାରହିଁ ଶୁଣିଥିଲେ । କିଏ ବିକଳରେ ତା' ମାଆକୁ ଡାକୁଥାଏତ କିଏ ଭଗବାନଙ୍କୁ । ଅଳ୍ପସମୟ ପରେ ତା'ବି ବନ୍ଦ ହୋଇଗଲା । ମୋଟରେ (ଆଖପାଖ ଗାଆଁଗୁଡିକରେ ମୃତ୍ୟୁ ବରଣ କରିଥିବା ଲୋକଙ୍କୁ ମିଶାଇ ) ଅଢେଇଶହରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଓ ଆହତଙ୍କ ସଂଖ୍ୟା ହଜାରେରୁ କମ୍ ନଥିଲା । ସଂଲଗ୍ନ ମେଦିନୀପୁର ଜିଲ୍ଲାରେବି ଟର୍ଣ୍ଣାଡୋ ବିପୁଳ ଧନଜୀବନ କ୍ଷତି କରିଥିଲା ।

ସେତେବେଳର ଜଳେଶ୍ୱରର ବିଧାୟକ ଶ୍ରୀ ଜୟନାରାୟଣ ମହାନ୍ତି ସଂବାଦପାଇବା ମାତ୍ରେ ଏ ଦୈବୀ ଦୁର୍ବିପାକ ଘଟଣା ସଂପର୍କରେ ବିଧାନସଭାକୁ ଅବଗତ କରାଇଲେ । ସେଦିନର ଅବଶିଷ୍ଟ କାର୍ଯ୍ୟ ବାତିଲକରି ବିଧାନସଭା ବନ୍ଦ ହେଲା । ପାର୍ଲିଆମେଣ୍ଟରେ ବି ସେଇଆ ହେଲା । ମୃତାହତଙ୍କ ପାଇଁ ସମବେଦନା ଜଣାଇବା ପରେ ସମସ୍ତେ ଧାଇଁଲେ ଦୁର୍ଘଟଣା ସ୍ଥଳକୁ । ଉଦ୍ଧାର କାର୍ଯ୍ୟ ଓ ରାସ୍ତାଘାଟ ସଫା ଓ ପାନୀୟ ଜଳ ଯୋଗାଣ ପ୍ରଭୃତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥାଏ । ସରକାରୀ ସାହାଯ୍ୟକାରୀ ଦଳ ବ୍ୟତୀତ ବେସରକାରୀ ସଂସ୍ଥାମାନେ ରାତିରୁ ସେଠାରେ ପହଞ୍ଚିଯାଇ ଉଦ୍ଧାର ଓ ରିଲିଫକାମ ଚଳାଇଥିଲେ । ଆହତ ବ୍ୟକ୍ତିମାନଙ୍କୁ ବିଭିନ୍ନ ହସପିଟାଲକୁ ପଠାଇ ଚିକିତ୍ସା କରାଯାଉଥାଏ ।ସମସ୍ତ ଚିକିତ୍ସାଖର୍ଚ୍ଚ ସରକାର ବହନ କରିଥିଲେ । ଗୃହହୀନଙ୍କୁ ବାସଗୃହ ଓ ଚାଷପାଇଁ ବିନାସୁଧରେ ସମବାୟ ସମିତି ମାଧ୍ୟମରେ ଋଣ ଯୋଗାଇ ଦିଆଯାଇଥିଲା ।

ତହିଁ ପରଦିନ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ଶ୍ରୀବସନ୍ତ କୁମାର ବିଶ୍ୱାଳ, ବିରୋଧୀ ଦଳର ନେତା ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ଅନ୍ୟାନ୍ୟ ବିଧାୟକ, ମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ସେ ସ୍ଥାନ ପରିଦର୍ଶନ କରି ଲୋକଙ୍କ ଦୁଃଖ ଦୂର କରିବାପାଇଁ ପଦକ୍ଷେପ ନେଇଥିଲେ ।

ସେଠାରେ ପୂଜ୍ୟ ପ୍ରଫୁଲ୍ଲ କୁମାର ଗାନ୍ଧୀ, ପୂ:ସାଂସଦ ଡ. କାର୍ତ୍ତିକେଶ୍ୱର ପାତ୍ର, ପ୍ର. ବିପିନ ବିହାରୀ ବିଶ୍ୱାଳ, ଡା.ଲକ୍ଷ୍ମଣ କୁମାର ଜେନା, ଅନନ୍ତ କୁମାର ଭୂୟାଁ ଏବଂ ନକୁଳ ଚରଣ ଓଝାଙ୍କ ସହିତ ସାକ୍ଷାତ ହେଲା । ସମସ୍ତେ ଦୁଃଖରେ ମ୍ରିୟମାଣ । ପ୍ରତ୍ୟେକଙ୍କ ଆଖିର ଲୁହ ବାଧା ନମାନି ତଳକୁ ବହି ଯାଉଥାଏ ।

ସେଠାରେ ଶୁଣିଲୁ ଯେ ଏ ବାତ୍ୟାର ଉତ୍ପତ୍ତିସ୍ଥଳ ଥିଲା ଗୋବରଘାଟା ଗାଁ ପାଖ ସୁବର୍ଣ୍ଣରେଖା ନଦୀର ବକ୍ଷ । ସେଠାରେବି ବଡ ଅଘଟଣଟାଏ ଘଟିଥିଲା । ଆମେ ଗଲୁ ସେଇ ସ୍ଥାନକୁ । ସେଠାରେ ଗୋଟିଏ ଟ୍ରକରେ ବାଲି ବୋଝାଇ ସରିଥିଲା । କୁଲିମାନେ ଗାଆଁକୁ ବୋଧହୁଏ ଖାଇବାପାଇଁ ଯାଇଥିଲେ । ଜଣେଲୋକ ସେଠାରେ ରହିଥିଲେ । ଅଚାନକ ପଶ୍ଚିମ ଦିଗରେ ଥିବା ଶ୍ରୀରାମପୁର ଓ ପେଣ୍ଡରା ସାହିଗାଁ ଆଡୁ ପବନ ବହିଆସିଲା । ତାହା ଭୟଙ୍କର ରୂପନେଲା ନଦୀ ଭିତରେ । ତାହା ଘୂର୍ଣ୍ଣିବାତ୍ୟାରେ ପରିଣତ ହେବାରୁ ସେଇ ବ୍ୟକ୍ତିଜଣକ ଉପାୟଶୂନ୍ୟ ହୋଇ ଟ୍ରକର ଇଂଜିନଥିବା କେବିନ୍ ଭିତରକୁ ପଶିଗଲେ । କିନ୍ତୁ,'ମାରେ ହରି ରଖେ କିଏ ? 'ଘୂର୍ଣ୍ଣିବାତ୍ୟା ତାକୁ ବହୁ ଉପରକୁ ଉଠାଇନେଇ ଦୂରରେ କଚାଡିଦେବାରୁ ଟ୍ରକଟି ଭାଙ୍ଗି ଚୁରମାର ହୋଇଗଲା । ତା'ସହିତ କେବିନରେ ଆଶ୍ରୟ ନେଇଥିବା ଲୋକର ପ୍ରାଣବାୟୁବି ଉଡିଯାଇଥଲା ।

ଭଗବାନଙ୍କୁ ପ୍ରାର୍ଥନା କଲି ମୃତ୍ୟୁବରଣ କରିଥିବା ଲୋକଙ୍କର ଆତ୍ମାର ସଦଗତି ନିମନ୍ତେ ।

ମୁଁ ସେହି ସମୟରେ ପେଣ୍ଡରାସାହି ଗାଁରେ ପ୍ରତିଷ୍ଠିତ ଯତୀନ୍ଦ୍ର-ଗଜେନ୍ଦ୍ର ସୀମାନ୍ତ



ଉଚ୍ଚବିଦ୍ୟାଳୟର ପରିଚାଳନା ସମିତର ସଭାପତି ଥିବାରୁ ସେ ଗାଆଁକୁ ଗଲି । ଯାଉ ଯାଉ ଦେଖିଲି ଶ୍ରୀରାମପୁର ଗାଁର ଉତ୍ତରାଂଶ ଓ ପେଣ୍ଡରାସାହି ଗାଁର ଦକ୍ଷିଣାଂଶରେ ବାତ୍ୟା ବିପୁଳ କ୍ଷତି କରିଛି । ସେଠାରେ ଲୋକମାନେ କହିଲେଯେ ବାତ୍ୟା ଉତ୍ତର-ପଶ୍ଚିମ କୋଣରୁ ବହିଆସି ବାଟ ମଧ୍ୟରେ କ୍ରମେକ୍ରମେ ବଳ ସଂଗ୍ରହ କରି ନଦୀ ଗର୍ଭରେ ଭୟଙ୍କର ରୂପ ନେଇଛି । ଆମ ବିଦ୍ୟାଳୟର ଛପର ନଷ୍ଟହେବା ସହିତ କେତୋଟି କାନ୍ଥବି ଓଲଟିପଡିଥାଏ । ଶିକ୍ଷକ ଓ ଅଭିଭାବକମାନଙ୍କୁ ସାନ୍ତ୍ୱନା ଦେଲି । ବିଧାୟକ ଶ୍ରୀ ମହାନ୍ତିଙ୍କ ଚେଷ୍ଟାରେ ଆମ ସ୍କୁଲ ୧୮ଲକ୍ଷ ଟଙ୍କା ପାଇଥିଲା ଗୃହ ନିର୍ମାଣ ପାଇଁ ଓ ଓଡିଶା ହାଉସିଂ ବୋର୍ଡ ଦାୟିତ୍ୱରେ ଠିକ୍ ସମୟରେ ପକ୍କା ଗୃହ ନିର୍ମାଣ କାର୍ଯ୍ୟ ସରିଥିଲା ।

ଦୁଃଖରେ ଭାରାକ୍ରାନ୍ତ ମନନେଇ ଘରକୁ ଫେରିଲି । ଘରେ କେବଳ କାନ୍ଦି କାନ୍ଦି ଭଗବାନଙ୍କୁ ପ୍ରାର୍ଥନା କରିଥିଲି ଏଭଳି ଦୁଃଖ କାହାରିକୁ ନଦେବାପାଇଁ । କଣ ଅପରାଧ କରିଥିଲେ ସେଇ ଅବୋଧ ପିଲାମାନେ ଓ ସେମାନଙ୍କୁ ରକ୍ଷାକରିବାପାଇଁ ଉଦ୍ୟମ କରିଥିବା ଶିକ୍ଷକ ଜଣକ ?

ଆମ କାହାରି ପାଖରେ ତା'ର ଉତ୍ତର ନଥିଲା । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ଅ | ନ୍ୱେ | ଷ | ଣ



# ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟସାହିତ୍ୟ

**■ ଜନ୍ମେଜୟ ବାବୁ**

ସାହିତ୍ୟ ହେଉଛି, ଗୋଟିଏ ଦେଶର ପ୍ରାଣସ୍ପନ୍ଦନ । ଅର୍ଥାତ କୌଣସି ଦେଶର ସାହିତ୍ୟ ଅଧ୍ୟୟନ କଲେ, ଆମେ ସମ୍ପୃକ୍ତ ଦେଶର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ପ୍ରଗତି ରୂପକ ହୃତପିଣ୍ଡରୁ ଏକ ଛବିଳ ସ୍ପନ୍ଦନ ପାଇପାରିବା । ସେହି ଦୃଷ୍ଟିରୁ ବି ସାହିତ୍ୟ ଗୋଟିଏ ଦେଶର ମୁକୁର ସଦୃଶ କହିଲେ ସତ୍ୟର ଅପଲାପ ହେବନାହିଁ ।

ସାହିତ୍ୟର ଯେ ଏକ କ୍ରମବିକାଶ ଅଛି, ଏହା ସମସ୍ତେ ସ୍ୱୀକାର କରିବେ । ଯେ କୌଣସି ଦେଶର ସାହିତ୍ୟ ଆଲୋଚନା କରନ୍ତୁ, ଦେଖିବେ, ସେହି ଦେଶର ସାହିତ୍ୟର ପ୍ରାଥମିକ ରୂପ ହେଉଛି ପଦ୍ୟ । ସାଧାରଣତଃ ସାହିତ୍ୟର ଏହି ପଦ୍ୟ ରୂପରୁ କ୍ରମବିକାଶ ଜରିଆରେ ପୃଥିବୀର ସମସ୍ତ ଭାଷା ସାହିତ୍ୟ ଆସି ଅତ୍ୟାଧୁନିକ ସାହିତ୍ୟ ରୂପରେ ପହଂଚିଛି । ସୁତରାଂ ଓଡ଼ିଆ ଭାଷାର ସାହିତ୍ୟ ବା କାହିଁକି ସେହି କ୍ରମ ବିକାଶ ଧାରାରୁ ବିଚ୍ୟୁତ ହେବ ? ସାଂପ୍ରତିକ ବିଶ୍ୱ ସାହିତ୍ୟର ମୁଖ୍ୟତଃ ଦିଓଟି ରୂପ ହେଲା, ଗଦ୍ୟ ଓ ଅନ୍ୟଟି ପଦ୍ୟ ସାହିତ୍ୟ । ସେ ଯାହାହେଉ, ଆମର ଆଲୋଚ୍ୟ ବିଷୟ ହେଲା, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ-ସାହିତ୍ୟ ।

ଓଡ଼ିଆ ଭାଷାର ପଦ୍ୟସାହିତ୍ୟ, ସର୍ବଭାରତୀୟ ସ୍ତରର ଏକ ପ୍ରାଚୀନତମ ସାହିତ୍ୟ ରୂପେ ଖ୍ୟାତ । ଏପରିକି ଓଡ଼ିଆ ଭାଷାର ପ୍ରାଚୀନ ପଦ୍ୟ ସାହିତ୍ୟ ଅନ୍ୟାନ୍ୟ ଭାରତୀୟ ଭାଷାର ପ୍ରାଚୀନ ପଦ୍ୟ ସାହିତ୍ୟଠାରୁ ଅତ୍ୟଧିକ ସମୃଦ୍ଧ । କେଉଁ ପ୍ରାଚୀନ କାଳରୁ ଓଡ଼ିଆ ଭାଷାର ପଦ୍ୟସାହିତ୍ୟ ଅନ୍ୟାନ୍ୟ ଭାରତୀୟ ଭାଷାର ପଦ୍ୟସାହିତ୍ୟ ସହିତ ସମଭାବରେ ପାଦ ମିଳାଇ ଚାଲିଆସିଛି । ତଥାପି, ସାହିତ୍ୟିକ ପୃଷ୍ଠପୋଷକତାର କେତେକ ସମସ୍ୟା ଯୋଗୁଁ ଓଡ଼ିଆ ଭାଷାର ପଦ୍ୟସାହିତ୍ୟକୁ ସାମାନ୍ୟ ପଛୁଆ ବୋଲି କୁହାଯାଉଛି । ତେବେ ଗୁଣାତ୍ମକ ଦୃଷ୍ଟିରୁ ଏହା କଦାପି ପଛୁଆ ସାହିତ୍ୟ ନୁହେଁ ।

ସଂପ୍ରତି ଭାରତର ସବୁ ଭାଷାରେ ଅତ୍ୟାଧୁନିକତା ରୂପୀ ଏକ ନୂତନ ସ୍ରୋତର ପ୍ରବାହନ ସୃଷ୍ଟି ହୋଇଥିବା କାହାକୁ ଅଜଣା ନୁହେଁ । ଏହି ନୂତନ ସ୍ରୋତର ପ୍ରବାହନରେ ଓଡ଼ିଆ ଭାଷାର ପଦ୍ୟ ସାହିତ୍ୟ ମଧ୍ୟ ନିଜର ତରୀ ମେଲି ଆଗେଇ ଚାଲିଛି । ଭାରତର ଅନ୍ୟାନ୍ୟ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ପରି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସମାଲୋଚନା ରୂପୀ ଝଡ଼ ତୋଫାନର ସମ୍ମୁଖୀନ ହେଉଛି । ସମାଲୋଚନା କରାଯାଉଛି ଯେ, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ଦୁର୍ବୋଧ୍ୟ ଓ ଆତ୍ମକୈନ୍ଦ୍ରିକ । କିନ୍ତୁ ସୂକ୍ଷ୍ମ ରୂପରେ ବିଚାର କଲେ, ଜଣାଯିବ ଯେ ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ନା ଦୁର୍ବୋଧ୍ୟ ନା ଆତ୍ମକୈନ୍ଦ୍ରିକ, ଅନ୍ୟପକ୍ଷରେ ତାହା ସ୍ପଷ୍ଟତାର ଆଲୋକରେ ପ୍ରତିଭାତ, ସାମଗ୍ରିକ ମାନବତାରେ ପରିପ୍ଳୁତ । ସଂପ୍ରତି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସ୍ରଷ୍ଟାମାନେ ଯେଉଁ କୃତିରାଜି ସୃଷ୍ଟି କରୁଛନ୍ତି, ସେଥିରେ ନିଜକୁ ସାମିଲ କରି ବିଶ୍ୱରୂପର ପ୍ରତିଛବି ଅଙ୍କନ କରିଛନ୍ତି । ତେଣୁ, ଯେଉଁମାନେ ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟକୁ ସମାଲୋଚନା କରୁଛନ୍ତି, ସେମାନେ ଟିକିଏ ଗଭୀରତାକୁ ପ୍ରବେଶ କରନ୍ତୁ । ଆଶା କରାଯାଏ, ସେମାନେ ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟର ଦୁର୍ବୋଧ୍ୟ ଭିତରେ ସ୍ପଷ୍ଟତା ଓ ଆତ୍ମକୈନ୍ଦ୍ରିକତା ଭିତରେ ସାର୍ବଜନୀନତାର ଅନନ୍ୟ ଆଲେଖ୍ୟ ପାଇପାରିବେ । ତେବେ ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ବୁଝିବାପାଇଁ ଏକ ମାନସିକ ସ୍ତର ଅଛି । ଆଉ ସେହି ମାନସିକ ସ୍ତରରେ ପହଂଚିବା ପାଇଁ ପ୍ରଚୁର ଧୈର୍ଯ୍ୟ, ଅଜସ୍ର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ଅଧ୍ୟୟନ ଓ ମନନର ଆବଶ୍ୟକତା ରହିଛି ।

ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ଆଉ ଗୋଟିଏ ବିଷୟ ଯୋଗୁଁ ସମାଲୋଚନାର ଶରବ୍ୟ ହୋଇଥାଏ ଯେ, ଏହା ଛନ୍ଦବଦ୍ଧ ନୁହେଁ । ତେଣୁ, ଏହା ଗଦ୍ୟରୂପ ନେଇ ପଦ୍ୟର ମସୃଣ ଆଙ୍ଗିକ ସ୍ୱରୂପ ହରାଇବସେ । ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ପ୍ରତି ଏଭଳି ସମାଲୋଚନା

**ଭାରତର ଅନ୍ୟାନ୍ୟ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ପରି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସମାଲୋଚନା ରୂପୀ ଝଡ଼ ତୋଫାନର ସମ୍ମୁଖୀନ ହେଉଛି ।**

ସଂପୂର୍ଣ୍ଣ ରୂପେ ନିରର୍ଥକ, ଏହା ନିଶ୍ଚିତ । କାରଣ, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟର ନିଜସ୍ୱ ଏକ ଅନନ୍ୟ ଆଙ୍ଗିକ ରୂପ ଅଛି, ଯାହା ଓଡ଼ିଆ ଭାଷାର ଛନ୍ଦବଦ୍ଧ ପଦ୍ୟ ସାହିତ୍ୟର ଆଙ୍ଗିକ ରୂପଠୁଁ କୌଣସିମତେ ନ୍ୟୂନ ନୁହେଁ । ଏହି ପ୍ରସଙ୍ଗରେ ଗୋଟିଏ ସାହିତ୍ୟ ସଭାରେ ଜନୈକ କବି ତଥା ସମାଲୋଚକ ସ୍ୱମତାମତ ଦେଇ କହିଥିଲେ ଯେ, ଛନ୍ଦବଦ୍ଧ ପଦ୍ୟ ରଚନା କଲାବେଳେ ଶବ୍ଦ ପ୍ରତି ନିର୍ମମ ଅତ୍ୟାଚାର କରାଯାଉଥିବାରୁ ପଦ୍ୟ ଭାବର ସ୍ପଷ୍ଟତା ଓ ପ୍ରାଧାନ୍ୟ ହରାଇ ବସେ । ଅନ୍ୟପକ୍ଷରେ ମୁକ୍ତ ଛନ୍ଦ ପଦ୍ୟର ବାକ୍ୟଗଠନ ରୀତିରେ କୌଣସି କଟକଣା ନଥିବାରୁ ପଦ୍ୟରସ-ସିକ୍ତ, ସ୍ୱଚ୍ଛନ୍ଦ ଓ ଭାବ ପ୍ରଧାନ ହୋଇପାରିଥାଏ । ପୁନଶ୍ଚ, ସେ କହିଥିଲେ, ଅତ୍ୟାଧୁନିକ ମୁକ୍ତ ଛନ୍ଦ ପଦ୍ୟର ଛନ୍ଦବଦ୍ଧ ପଦ୍ୟ ପରି କୌଣସି ନିର୍ଦ୍ଦିଷ୍ଟ ଆଙ୍ଗିକ ଶୈଳୀ ନାହିଁ ବୋଲି ଯାହା ପ୍ରଚାର କରାଯାଇଥାଏ, ତାହା ସଂପୂର୍ଣ୍ଣ ରୂପେ ଅମୂଳକ । କାହିଁକିନା, ମୁକ୍ତ ଛନ୍ଦ ପଦ୍ୟର ବି ନିଜସ୍ୱ ଏକ ପ୍ରକାର ଭଙ୍ଗୀ ଅଛି, ଯାହାକୁ କେବଳ ଅଭ୍ୟାସ ଦ୍ୱାରା ଆୟତ୍ତ କରାଯାଇପାରିବ ।

ପୃଥିବୀରେ ପ୍ରତି ଯୁଗରେ କୌଣସି ନୂତନ ମତବାଦ ବା ଚିନ୍ତାଧାରା ପ୍ରଚାରିତ ହେଲେ, ସେଥିରେ ବିରୋଧ ପାଇଁ ଯେମିତି ଅସଂଖ୍ୟ ପ୍ରତିବନ୍ଧକ ସୃଷ୍ଟି କରାଯାଇଥାଏ, ସେମିତି ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସମ୍ମୁଖରେ ମଧ୍ୟ ସଂପ୍ରତି ଅସଂଖ୍ୟ ପ୍ରତିବନ୍ଧକ ସୃଷ୍ଟି କରାଯାଉଛି । ତେଣୁ, ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟ ସ୍ରଷ୍ଟାମାନେ କୌଣସି ପ୍ରତିବନ୍ଧକ ପ୍ରତି ଭ୍ରୂକ୍ଷେପ ନ କରି ନିଜ ନିଜର ସୃଜନଶୀଳ ଅଧ୍ୟବସାୟରେ ସଂପୃକ୍ତ ରହନ୍ତୁ । ଓଡ଼ିଆ ଭାଷାର ଅତ୍ୟାଧୁନିକ ପଦ୍ୟ ସାହିତ୍ୟର ଏକ ଉଜ୍ଜ୍ୱଳ ଭବିଷ୍ୟତ ଅପେକ୍ଷମାଣ ।

♥ ପଟ୍ଟନାୟକ ପଡ଼ା, ସମ୍ବଲପୁର-୧
ମୋ: ୯୩୪୮୪୮୦୩୨୨

## ଏବେ ବି ମନେପଡେ



# ଓଁ କାର

**ଶ୍ରୀରୂପା ମଂଜରୀ ସେନ**

'ଓଁ' ଶବ୍ଦର ଉଚ୍ଚାରଣ - ଜଣେ ଅନୁଭବୀର ଅନୁଭବ ଅଟେ । ଏହା ଆଧାତ୍ମିକ ଚିନ୍ତା ଓ ଚେତନାର ପଥପ୍ରଦର୍ଶକ ଅଟେ । ଏହାର ଉଚ୍ଚାରଣରେ ଆତ୍ମିକ ବଳ ଜାଗ୍ରତ ହୁଏ । ଚି□ର ହତାଶା ଓ ନୈରାଶ୍ୟ ଭାବ ଦୂର ହୁଏ । ମାନସିକ ଚେତନା ଜାଗ୍ରତ ହୁଏ ।

ଓଁ ଶବ୍ଦ ମହାଶୂନ୍ୟରୁ ଆସିଅଛି ବୋଲି ସବୁ ଶାସ୍ତ୍ରଜ୍ଞ ମାନେ ମତ ଦିଅନ୍ତି । ଓଁ ଧ୍ୱନିକୁ ଯୁଗ ସୃଷ୍ଟିର ଆଦ୍ୟ ସମୟରେ ମୁନିଋଷି ମାନେ ସେମାନଙ୍କ ତପସ୍ୟା ଦ୍ୱାରା ଉପଲବ୍ଧି କରିଥିଲେ ଏବଂ ଅନୁଭବ କରି ପ୍ରମାଣିତ କରିଥିଲେ ଯେ ଓଁରୁ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି । ଓଁକାର ସମସ୍ତ ମନ୍ତ୍ରର ପ୍ରାଣ ହୋଇଥିବାରୁ ଏହାର ନାମ ପ୍ରଣବ ମନ୍ତ୍ର ଅଟେ । ଏହି ପ୍ରଣବ ହେଉଛି ସବୁ ମନ୍ତ୍ରର ସମନ୍ୱୟ, ସର୍ବମତର ସମନ୍ୱୟ, ସର୍ବତ□ର ସମନ୍ୱୟ । ଶକ୍ତି ମନ୍ତ୍ର, ଶିବ ମନ୍ତ୍ର, ବୈଷ୍ଣବ ମନ୍ତ୍ର ଇତ୍ୟାଦି ସବୁ ମନ୍ତ୍ରର ଆଧାର ହେଉଛି ଏହି ଓଁକାର । ତେଣୁ ଏହା ମନ୍ତ୍ର ଭିତରେ ମନ୍ତ୍ରରାଜ ଅଟେ । ଏହି ଓଁକାର ଆତ୍ମା ଓ ପରମାତ୍ମା ରୂପେ ପ୍ରକାଶ ପାଇଥାଏ । ଏହାର କୌଣସି ସଂପ୍ରଦାୟର ମନ୍ତ୍ର ସହିତ ଦ୍ୱନ୍ଦ୍ୱ ନାହିଁ ବା ମତଭେଦ ନାହିଁ । ଏହାହିଁ ଓଁକାର ମନ୍ତ୍ରର ଏକ ମହାନ ବିଶେଷତ୍ୱ ଅଟେ ।

ଆଜି ଜାତିଭେଦ ହିନ୍ଦୁମାନଙ୍କୁ ବହୁଖ[ରେ ବିଭକ୍ତ କରିଥିଲେ ମଧ୍ୟ ଓଁକାର ସବୁକିଛି ଭେଦାଭେଦ ଦୂରୀଭୂତ କରି ସମଗ୍ର ବିଶ୍ୱକୁ ଏକ ହିନ୍ଦୁ ଧର୍ମରେ ଆଲିଙ୍ଗନ କରେ । ଭାରତ ମାଟିରୁ ଉଦ୍‌ଭୂତ ଅନ୍ୟାନ୍ୟ ଧର୍ମ ସମ୍ପ୍ରଦାୟମାନେ ଓଁକାର ମନ୍ତ୍ରକୁ ବହୁ ଉଚ୍ଚ ସ୍ଥାନ ପ୍ରଦାନ କରିଛନ୍ତି । ଯେମିତି ବୌଦ୍ଧ ଶାସ୍ତ୍ରକାର ମାନେ କହନ୍ତି, ସର୍ବପ୍ରଥମେ ମହାଶୂନ୍ୟରୁ ପ୍ରଜ୍ଞାଦେବୀ ଓଁ ସହିତ ଆକାଶରୁ ନିର୍ଗତ ହୋଇଥିଲେ ଏବଂ ସେ ସମସ୍ତ ବୌଦ୍ଧ ସଂପ୍ରଦାୟର ଜନନୀ ଅଟନ୍ତି । ସେମାନଙ୍କର ସିଦ୍ଧାନ୍ତ ଅନୁସାରେ ଓଁକାର ହେଉଛି ସୃଷ୍ଟିର ମୂଳ ଆଦି କାରଣ । ଏହି ବୀଜ ମନ୍ତ୍ରରୁ 'ଓଁ ମଣିପଦେ ହୁମ୍' ଅର୍ଥାତ୍ ହୃଦୟ କମଳରେ ଯେଉଁ ମଣି ବିଦ୍ୟମାନ, ସେହି ମଣି ହେଉଛନ୍ତି ଓମ୍ ।

ଜୈନ୍ୟ ଧର୍ମରେ ଓଁକାର ଏକାଧିକାର ବ୍ୟବହାର କରାଯାଏ । ଜୈନ୍ୟ ପଣ୍ଡିତମାନଙ୍କ ମତରେ ଓଁକାର ହେଉଛି ଅଖଣ୍ଡାନନ୍ଦ ସ୍ୱରୂପ । ସେ ଅମୃତମୟ, ପରଂବ୍ରହ୍ମ, କାମ, କ୍ରୋଧ, ଲୋଭ, ମୋହ ପ୍ରଭୃତି ଶତ୍ରୁ ରୂପକ ରିପୁମାନଙ୍କୁ ଦମନ କରେ ଏବଂ ଅମୃତ ଓ ମଧୁମୟ ରାଜ୍ୟରେ ପ୍ରବେଶ କରିବା ମାର୍ଗ ଦର୍ଶାଏ ।

ଶିଖ୍ ସଂପ୍ରଦାୟର ସନ୍ଥମାନେ ଏହି ପ୍ରଣବ ମନ୍ତ୍ରକୁ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଦେଇ ଓଁକାରକୁ ସତ୍‌ନାମ ଓ ସଦ୍‌ଗୁରୁଙ୍କ ପ୍ରସାଦ ରୂପେ ମାନନ୍ତି ।

ମହିମା ଧର୍ମରେ ଏହି ପଦ୍ମକଳ୍ପ ଓଁକାର ପରମାତ୍ମାଙ୍କର ଉପାସକ ଥିଲେ । ତେଣୁ ତାଙ୍କ ଭକ୍ତିର କବିତା ହେଉଛି -

'ଅ କାର, ଉ କାର, ମ କାର ତିନି
ଓଁ କାର ରୂପେ ଉଠେ ବ୍ରହ୍ମଧ୍ୱନି
ହରି କୃଷ୍ଣ ରାମ ଭଜନ୍ତି ତାଙ୍କୁ
ଧ୍ୟାୟୀ ଓଁ କାର ଅମୃତ ବ୍ରହ୍ମଙ୍କୁ ।'

ଏହା ବ୍ୟତୀତ ସବୁ ଶାସ୍ତ୍ରକାର ମାନେ ବିଶ୍ୱାସ କରନ୍ତି ଈଶ୍ୱରଙ୍କର ଏହା ହେଉଛି ଏକ ଗୁପ୍ତ ନାମ । ଯାହାକି ଆଦୌ ବୋଧଗମ୍ୟ ନୁହେଁ ।

ଖ୍ରୀଷ୍ଟିଆନ୍ ମାନେ ପ୍ରାର୍ଥନା ସମୟରେ ଯେଉଁ 'ଆମେନ୍' ଶବ୍ଦ ବ୍ୟବହାର କରନ୍ତି, ତାହା ଓଁ କାରରୁ ଉଦ୍ଧୃତ ଏବଂ ମୁସଲମାନ ମାନଙ୍କର ବ୍ୟବହୃତ - 'ଆହମିନ୍', 'ଅଲିଫ୍', 'ମୀଇମ୍' ସହିତ ଓଁ କାରର ଘନିଷ୍ଠ ସମ୍ପର୍କ ରହିଛି । ତେଣୁ ଓଁ କାର ହେଉଛି - ମହାମିଳନର ଏକମାତ୍ର ମନ୍ତ୍ର ।

ଏହି ଓଁ (ଉମ୍) କାର ଆଧାତ୍ମିକ ଜଗତରେ ଖୁବ୍ ମହ□ପୂର୍ଣ୍ଣ ଏବଂ



ସମସ୍ତ ସନାତନ ମନ୍ତ୍ରର ଆଦ୍ୟ ଉଚ୍ଚାରଣ ଓ ହିନ୍ଦୁଧର୍ମର ପ୍ରତୀକ ଅଟେ । ଏହା ମଙ୍ଗଳର ଆବାହନ ଓ ଅମଙ୍ଗଳର ବିନାଶ ଅଟେ । ଏହି ଓଁ ହେଉଛି = ଅ-ଉ-ମ । ଅର୍ଥାତ୍ ଏହି ତିନୋଟିର ଅର୍ଥ ହେଲା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ଯାହାକି ପରଂବ୍ରହ୍ମ । ପୁଣି ଅ-କାର ସୃଷ୍ଟିର, ଉ-କାର ସ୍ଥିତିର, ମ-କାର ପ୍ରଳୟର ତ□କୁ ବୁଝାଏ । ଓଁର ଅର୍ଥ ହେଲା - 'ସର୍ବ କାର୍ଯ୍ୟେଷୁ ସର୍ବଦା' ଅର୍ଥାତ୍ ଓଁ ଉଚ୍ଚାରଣରେ ସମସ୍ତ ପାପ ନାଶ ହୁଏ ଏବଂ ପ୍ରତିଟି କାର୍ଯ୍ୟ ବିନା ବାଧାରେ ସିଦ୍ଧ ହୋଇଥାଏ । ଯଥା - ଧର୍ମ, ଅର୍ଥ, କାମ, ମୋକ୍ଷ । ଓଁ କାରକୁ ପୂଜା ସ୍ଥଳରେ, ଯାନବାହନରେ, ଘରର ମୁଖ୍ୟ ଦ୍ୱାରରେ ଲଗାଇଲେ ଏବଂ ଧାତୁ ନିର୍ମିତ ଓଁକୁ ଲାଲ୍‌ସୂତାରେ ବାନ୍ଧି ଧାରଣ କଲେ ବା ଏହାର ତଳେ ଘି[ ଲଗାଇ ଘରେ ରଖିଲେ ସର୍ବ ଶୁଭ ଲାଭ ହୁଏ । ଏହି ଓଁ ମନ୍ତ୍ର ମଧ୍ୟରେ ରହିଛି ହିନ୍ଦୁଧର୍ମର ତେତିଶକୋଟି ଦେବତା । ତେଣୁ ଶୁଦ୍ଧ ମନରେ ଭକ୍ତି ସହିତ ଓଁ ମନ୍ତ୍ର ଉଚ୍ଚାରଣ କଲେ ସର୍ବ ଦେବଦେବୀଙ୍କର ଆଶୀର୍ବାଦ ପ୍ରାପ୍ତ ହୁଏ । ମନସ୍କାମନା ପୂର୍ଣ୍ଣ ହୁଏ । ଓଁ ହେଉଛି - 'ଶ୍ରୀ ସ୍ୱରୂପା ଲକ୍ଷ୍ମୀ', ପୁନଶ୍ଚ ଗଣପତିଙ୍କର 'ଶୁଭ ସ୍ୱରୂପ' ଓ ବିଘ୍ନବିନାଶକ ଅଟେ ।

♥ ଅଙ୍ଗାରଗଡ଼ିଆ (ଡି.ଆଇ.ସି. ଛକ ନିକଟ)
ବାଲେଶ୍ୱର
ମୋ.: ୦୮୮୯୫୫୬୭୮୬୦

# ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

ଭଦ୍ରକ, ୨୭/୧ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ୭୫ ତମ ସାଧାରଣତନ୍ତ୍ର ଦିବସ ୨୦୨୪କୁ ଭଦ୍ରକ ଜିଲ୍ଲା ସ୍ତରରେ ଭଦ୍ରକ କଲେଜ ପଡ଼ିଆରେ ମହାସମାରୋହରେ ପାଳନ କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ୮ ଘଟିକା ୩୦ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡ୍ ଅଂଶ ଗ୍ରହଣ କରିଥିବା ୩୪ଟି ଦଳକୁ ପରିଦର୍ଶନ କରିଥିଲେ। ଜନ ସାଧାରଣଙ୍କୁ ଉଦ୍‌ବୋଧନ ଦେବାକୁ ଯାଇ ଜିଲ୍ଲାପାଳ ଆମ ଦେଶର ସ୍ୱାଧୀନତା ପ୍ରାପ୍ତିରେ ଏ ମାଟିର ଶହିଦ୍ ଓ ସଂଗ୍ରାମୀ ମାନଙ୍କ ସ୍ମୃତିଚାରଣ କରିବା ସହିତ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ଜରିଆରେ ଭଦ୍ରକର ବିକାଶର ଚିତ୍ର କିପରି ବଦଳୁଛି ସେ ଉପରେ ଆଲୋକପାତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପୋଲ, ମିଶନ୍ ଶକ୍ତି, କୃଷି, ଗୋସମ୍ପଦ ପ୍ରଭୃତି କ୍ଷେତ୍ରରେ ଯେଉଁ ବିକାଶର ଯାତ୍ରା ଆଗେଇ ଚାଲିଛି ସେଥିରେ ଜିଲ୍ଲାବାସୀ ସାମିଲ୍ ହୋଇ ଜିଲ୍ଲାର ସର୍ବାଙ୍ଗିନ୍ ଉନ୍ନତି ସାଧନରେ ସହାୟକ ହେବାକୁ ଆହ୍ୱାନ କରିଥିଲେ। ମାର୍ଚ୍ଚ ପାଷ୍ଟରେ ଶଶସ୍ତ୍ର ପୋଲିସ୍‌ବାହିନୀ ସହ ଏନ୍.ସି.ସି., ସ୍କାଉଟ୍, ଗାଇଡ୍, ରେଡ୍‌କ୍ରସ ଓ ସିଭିଲିୟାନ୍ ପ୍ରଭୃତି ୩୪ଟି ଦଳ ଠାରୁ ମୁଖ୍ୟ ଅତିଥି ଅଭିବାଦନ



ଗ୍ରହଣ କରିଥିଲେ। ଆର୍.ଆଇ.ପୋଲିସ୍ ରାକେଶ କୁମାର ସ୍ୱାଇଁ ଓ ସର୍ଜେଣ୍ଟ ଦୀପକ କୁମାର ପରିଡ଼ା ପ୍ୟାରେଡ୍ ପରିଚାଳନା କରିଥିଲେ। ପରେ ପରେ ଡି.ଏ.ଭି.ଏସ୍.ଡ଼ି.ପି.ଏସ୍., ସେଣ୍ଟ ଜାଭିୟର ଓ ଏନ୍.ଆର.ଆଇ.ସ୍କୁଲ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ଓଡ଼ିଆ, ଇଂରାଜୀ ବକ୍ତୃତା, ଓଡ଼ିଆ ଇଂରାଜୀ ପ୍ରବନ୍ଧ, କ୍ୱିଜ୍, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ଦଳମାନଙ୍କୁ ଏବଂ ପ୍ୟାରେଡ଼ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ୧ମ, ୨ୟ ଓ ୩ୟ ହୋଇଥିବା ଦଳମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏସ୍.ପି. ବରୁଣ ଗୁଣ୍ଟୁପାଲି ମୁଖ୍ୟ ଅତିଥିଙ୍କ ସହ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଉପଜିଲ୍ଲାପାଳ ମନୋଜ ପାତ୍ର, ସିଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ ଏବଂ ମୋଜାବିଲ ଖାଁ ପ୍ୟାରେଡ଼ ପାଇଁ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ୟାରେଡ୍ ଓ ପୁରସ୍କାର ବିତରଣ ଉତ୍ସବ ପରେ କାର୍ଯ୍ୟସୂଚୀ ଅନୁଯାୟୀ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ କରି ଜିଲ୍ଲାସ୍କୁଲ ଭଦ୍ରକ ଓ ବସ୍ ସିଣ୍ଡିକେଟ୍, ଭଦ୍ରକ ଆନୁକୂଲ୍ୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ ପାତ୍ର ଏହି କାର୍ଯ୍ୟକ୍ରମର ଯୋଗ ଦେଇଥିଲେ। ପରେ ଜିଲ୍ଲା ସଂସ୍କୃତି ଭବନରେ ଆର୍ଟ କଲେଜ, ଭଦ୍ରକ ର ଅଧକ୍ଷ ମନୋଜ ଭଟ୍ଟାଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ କୁ ଉଦ୍‌ଘାଟନ କରି ବୁଲି ଦେଖିଥିଲେ। ଶେଷ କାର୍ଯ୍ୟକ୍ରମ ଭାବେ ମୁଖ୍ୟ ଅତିଥି ଆର୍.ଏନ୍.ବେତରା ଠାରେ ଅବସ୍ଥିତ ଦୃଷ୍ଟିବାଧିତ ସ୍କୁଲ ପରିଦର୍ଶନରେ ଯାଇ ପିଲାମାନଙ୍କ ମଧ୍ୟରେ ପୁରସ୍କାର, ପ୍ରମାଣପତ୍ର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପିଲାଙ୍କ ସହିତ ମିଶି ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ କର୍ମଚାରୀ ମିନାକ୍ଷୀ ଗରାବଡ୍ଡୁ, ସୁରେଶ ଚନ୍ଦ୍ର ତ୍ରିପାଠୀ, ଭଦ୍ରକ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋଜ ସାହୁ, ଜିଲ୍ଲା କାର୍ଯ୍ୟାଳୟର ଏସ୍.ଓ. ହେମନ୍ତ ପ୍ରଧାନ, ରୋଟାରିଆନ୍ ସାମ୍ବାଦିକ ଅତିଶ୍ ବେହେରା ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରେ ୭୫ ତମ ଗଣତନ୍ତ୍ର ଦିବସ ପାଳିତ

ପାରାଦୀପ, ୨୭/୧ (ନି.ପ୍ର): ଇଣ୍ଡିଆନ୍ ଓଏଲ୍ ପାରାଦୀପ ରିଫାଇନାରୀ ଟାଉନଶିପ ମଧ୍ୟରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ୭୫ ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଶ୍ରୀ କଉସିକ୍ ବସୁ, (ଇଡି ଆଣ୍ଡ ଆରଏଚ) ରିଫାଇନାରୀ ଜାତୀୟ ପତାକା ଉତ୍ତୋଳନ କରି ସମସ୍ତଙ୍କ ସହମିଶି ଜାତୀୟ ସଂଗୀତ ଗାନ କରିଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ କଉସିକ ବସୁ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀ ଯେଉଁ ମାନେ ଆମ ସମ୍ବିଧାନ ପ୍ରଣୟନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେହି ମହାନ ଜନନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। । ଶ୍ରୀ ବସୁ ଓଡିଶାର ଶିକ୍ଷ ବିକାଶରେ ବିଶୋଧନାଗାର ଏକ ଉଦାହରଣ



ସୃଷ୍ଟି କରିବା ସହିତ ପିଏକ୍ସ-ପିଟିଏ,ପିୟୁୟୁପି,ଏସଆରଭି,ଏଭି ଗ୍ୟାସ ଉତ୍ପାଦନ କରିବାରେ ସଫଳତା ହାସଲ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ସବୁଜ ଶକ୍ତି ବ୍ୟବହାର ଓ ଉତ୍ପାଦନକୁ ପାରାଦୀପ ତୈଳ ବିଶୋଧନାଗାର ଗୁରୁତ୍ୱ ଦେଉଥିବା ସେ କହିଥିଲେ। ଡ଼ି.ପି.ଏସ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶଭକ୍ତି ପ୍ରେମ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ।ଏହି ଅବସରରେ ସିଏସଆର ଯୋଜନାରେ ଶ୍ରୀ ବସୁ ଓ ଅନ୍ୟ ଅଧିକାରୀମାନେ ନିକଟସ୍ଥ ଶିକ୍ଷାନୁଷ୍ଠାନମାନଙ୍କୁ ଥଣ୍ଡା ପାନୀୟ ଜଳ ମେସିନ ସହ ଆଲମିରା ପ୍ରଦାନ କରିଥିଲେ।

# ବିଭିନ୍ନ ସ୍ଥାନରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ

ଲଙ୍ଗଳେଶ୍ୱର , ୨୭/୧ (ନି.ପ୍ର): ବାଲିଆପାଳ ବ୍ଲକ ର ବିଭିନ୍ନ ସ୍ଥାନରେ ୭୫ ତମ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି ।ବ୍ଲକ ରେ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ନାୟକ , ବି ଡ଼ି ଓ ବିନୋଦ ଚନ୍ଦ୍ର ପଣ୍ଡା ,ତହସିଲରେ ଜନକ କୁମାର ନାୟକ , ବାଲିଆପାଳ କ୍ରୀଡା କଲେଜରେ ଡ଼ଃ ଅଦ୍ୱୈତ କୁମାର ପାତ୍ର ,ସୁବର୍ଣ୍ଣରେଖା କଲେଜରେ ପ୍ରାଧାପକ ଗୌରାଙ୍ଗ କୁମାର ରାଉତ ,ଜାମଶୂଳୀ କଲେଜରେ ପ୍ରାଧାପକ ଉମେଶ ଚନ୍ଦ୍ର ପ୍ରଧାନ ,ପାହିଅସ୍ତି ବିଜୟ ବାବୁ ଛକରେ ଡ଼ଃ ସୁକାନ୍ତ କୁମାର ଗିରି ,ବିଜୟ କୁମାର ସାମନ୍ତ ,ଭାସ୍କର ଚନ୍ଦ୍ର ଜେନା ,ସୁବର୍ଣ୍ଣରେଖା ପ୍ରେସ କ୍ଲବ ରେ ଡ଼ଃ ସୁକାନ୍ତ କୁମାର ଗିରି ,ସନ୍ୟାସୀ ବେହେରା ,ରାଜଶ୍ରୀ ପାଣିଗ୍ରାହୀ , ଲଂଗଳେଶ୍ୱରରେ ସୁବାସିନୀ ଜେନା ,ଖପରାପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାନସ କୁମାର



ବେହେରା ,ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟ ରେ ନାରାୟଣ ପ୍ରସାଦ ସାହୁ , ଡ଼ଃ ବାଙ୍କିମ ଚନ୍ଦ୍ର ଜେନା ,ଅନନ୍ତ କୁମାର ଗିରି ,କୁଞ୍ଜକାନ୍ତ ପାତ୍ର , ବୀର ମାଧବ ଦାସ ,ବିଜୟ କୁମାର ପାତ୍ର , ବାଲବିଲ ଗାନ୍ଧୀ ଚାତରା ରେ ଅରୁଣ କୁମାର ଜେନା ,ସୁବର୍ଣ୍ଣରେଖା ସରକାରୀ ହାଇ ସ୍କୁଲରେ ସଞ୍ଜୟ କୁମାର ଜେନା ,ଲକ୍ଷ୍ମୀ ପ୍ରିୟା ଜୁନିୟର କଲେଜରେ ସୁଦୀପ୍ତା ବିଶ୍ୱାଳ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ କେତେକ ସ୍ଥାନରେ ରକ୍ତଦାନ ଶିବିର ,ସ୍ୱାସ୍ଥ୍ୟ କେନ୍ଦ୍ର ରେ ଫଳ ବଣ୍ଟନ ,ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି।

# ଚତୁର୍ଥ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭/୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଚତୁର୍ଥ ଜାତୀୟ ଚିଲିକା ବିହଙ୍ଗ ଉତ୍ସବକୁ ଶନିବାର ଉଦ୍‌ଘାଟନ କରିଛନ୍ତି। ଏସିଆର ସର୍ବବୃହତ୍ ଲୁଣା ହ୍ରଦ ଚିଲିକା ହେଉଛି ଲକ୍ଷାଧିକ ବିଦେଶାଗତ ପକ୍ଷୀମାନଙ୍କ ବିଚରଣସ୍ଥଳୀ।ଏହି ମହୋତ୍ସବ ପକ୍ଷୀପ୍ରେମୀମାନଙ୍କୁ ଅତି ନିକଟରୁ ଚିଲିକା ଓ ବିଦେଶାଗତ ପକ୍ଷୀମାନଙ୍କୁ ଜାଣିବାର ସୁଯୋଗ ଆଣିଦେବ। ପର୍ଯ୍ୟଟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଭୂୟସୀ ପ୍ରଶଂସା କରିବା ସହ ପର୍ଯ୍ୟଟନ କ୍ଷେତ୍ରରେ ଏହା ଏକ ନୂଆ ଦିଗନ୍ତ ଆଣିଦେବ ବୋଲି ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଏକ ଫଟୋ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ଏଥିରେ ଫଟୋଗ୍ରାଫର ଶକ୍ତି ନନ୍ଦ, ଉମାକାନ୍ତ ବିଶ୍ୱାଳ, ଧୃତିମାନ୍ ମୁଖାର୍ଜୀ ଏବଂ ଅନ୍ୟ ପ୍ରସିଦ୍ଧ ଫଟୋଗ୍ରାଫରଙ୍କ କୃତିକୁ ସ୍ଥାନିତ କରାଯାଇଛି । ଚିଲିକାରେ ନୌବିହାର କରୁଥିବା ବିଦେଶାଗତ ପକ୍ଷୀମାନଙ୍କ ବିଚରଣ ଓ ବିଭିନ୍ନ ସମୟର ମନମୁଟକର ଫଟୋଚିତ୍ର ଏଥିରେ ପ୍ରଦର୍ଶିତ ହୋଇଛି। ଏଥିରେ ଫଟୋଗ୍ରାଫରଙ୍କର କେବଳ କଳାକୃତି ନୁହେଁ ବରଂ ଚିଲିକାର ଜୈବବିବିଧତାକୁ ନିଖୁଣ ଭାବେ ସ୍ଥାନିତ କରାଯାଇଛି। ଏହି ତିନିଦିନିଆ ଉତ୍ସବରେ ଦେଶର ବଚ୍ଛା ବଚ୍ଛା ୫୨ ଜଣ ପକ୍ଷୀପ୍ରେମୀ ଭାଗ ନେଇଥିଲେ । ଏଥି ସହ ବିଭିନ୍ନ କର୍ମଶାଳା ଏବଂ ପକ୍ଷୀ ବିଶେଷଜ୍ଞମାନଙ୍କ ସହ ଆଲୋଚନାଚକ୍ର ଅନୁଷ୍ଠିତ ହେବ।

# ଇଫ୍‌କୋ ପାରାଦୀପ ୟୁନିଟ ପକ୍ଷରୁ ୭୫ ତମ ଗଣତନ୍ତ୍ର ଦିବସ





ପାରାଦୀପ, ୨୭/୧ (ନି.ପ୍ର): ଇଫକୋ, ପାରାଦୀପ ୟୁନିଟରେ ୭୫ ତମ ଗଣତନ୍ତ୍ର ଦିବସକୁ ମହାସମାରୋହରେ ପାଳନ ହେଇଯାଇଛି ।ଇଫକୋର ବରିଷ୍ଠ ଅଧିକାରୀ, ୟୁନିୟନ ଓ ଆସୋସିଏସନ୍ , ଇଫକୋ ଟାଉନସିପ୍ ଅନ୍ତେବାସୀ ଓ ଛାତ୍ରଛାତ୍ରୀଙ୍କ ଗହଣରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ୍। ଇଫକୋର ସିକ୍ୟୁରିଟି ସଂସ୍ଥା ଏସଆଇଏସ ଓ ଇଫକୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ୍ ଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରିଥିଲେ। ଶ୍ରୀପଟେଲ୍ ସମାବେଶକୁ ସମ୍ବୋଧିତ କରି ଇଫକୋର ଅଭିବୃଦ୍ଧି ଦିଗରେ କର୍ମଚାରୀଙ୍କ ନିଷ୍ଠା ଏବଂ ଅବଦାନକୁ ସ୍ୱୀକାର କରିବା ସହ ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଇଫକୋ ସୋସାଇଟି ପ୍ରତି ଥିବା ପ୍ରତେକଙ୍କ ଭରଷା ଓ ବିଶ୍ୱାସ ଉପରେ କାର୍ଯ୍ୟ କରେ, କାରଣ ଏହା ଏକ ସମବାୟ ସମିତି ଯାହା ଦେଶର କୃଷକମାନଙ୍କୁ ଉନ୍ନତ କରିବାରେ ସାହାଯ୍ୟ କରେ।ଏଣୁ ଇଫକୋ ସମସ୍ତ ଭାରତୀୟ ପରିବାର ଏବଂ ଆମ ଦେଶର ଲାଭ ପାଇଁ ନାନୋ ୟୁରିଆ ଏବଂ ନାନୋ ଡିଏପି ନାମକ ନୂତନ ଉତ୍ପାଦ ଉଦ୍ଭାବନ କରିଛି। ଇଫକୋ ଡିଏଭି ସ୍କୁଲ ଓ ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଇଫକୋ ଅଫିସର୍ସ କ୍ଲବ ସଭାପତି ଦେବାଶିଷ ମିଶ୍ର, ସାଧାରଣ ସମ୍ପାଦକ ଶୁବାଷିଶ ମିଶ୍ର, ଇଫକୋ କର୍ମଚାରୀ ସଂଘର ସଭାପତି ତୁଷାର ରଂଜନ ସାମନ୍ତରାୟ, ସାଧାରଣ ସମ୍ପାଦକ ରାକେଶ ଓଝାଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ, ଜ୍ୟୋତି ଲେଡିଜ୍ କ୍ଲବ୍ ସଦସ୍ୟାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଇଫକୋ ଯୁଗ୍ମ ସାଦାରଣ ପ୍ରବନ୍ଧକ କେ.ମୋହନ ରାଓ (ପି ଆଣ୍ଡ ଏ) ଧନ୍ୟବାଦ ଅର୍ପଣ କରିଥିଲେ।

# ୫କିଲୋଗ୍ରାମ ଚାଉଳ ଉପରେ ନିର୍ଭରଶିଳ ୫ଟି ମୁଣ୍ଡ

ଉଦଳା , ୨୭/୧ (ନି.ପ୍ର): ଓଡ଼ିଶା ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ପ୍ରତି ଗରିବ ପରିବାରକୁ ମୁଣ୍ଡପିଛା ୫ କିଗ୍ରା ଚାଉଳ ଯୋଗାଇ ଦିଆଯାଉଛି । କିନ୍ତୁ କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଂଟାବିଲ ଗ୍ରାମର ବାସିନ୍ଦା ସୁକାନ୍ତି ମୁର୍ମୁଙ୍କୁ ମିଳୁଥିବା ମାତ୍ର ୫କିଗ୍ରା ଚାଉଳ ଉପରେ ତାଙ୍କ ପରିବାରର ୫ ଜଣ ସଦସ୍ୟ ନିର୍ଭର କରୁଛନ୍ତି । ସୁକାନ୍ତିଙ୍କ ସ୍ୱାମି ସୁନାରାମ ମୁର୍ମୁଙ୍କ ନାମ ମଧ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ଯୋଡ଼ାଯାଇ ନାହିଁ । ଉକ୍ତ ଦମ୍ପତିଙ୍କର ଦୁଇ ଜଣ କନ୍ୟା, ଶୁଭଲକ୍ଷ୍ମୀ ଓ ଶୁଭଶ୍ରୀଙ୍କ ବୟସ ଯଥାକ୍ରମେ ୧୦ ବର୍ଷ ଓ ୮ ବର୍ଷ ଅଟେ । କନିଷ୍ଠ ପୁତ୍ର ଲପକୁ ବର୍ତମାନ ୫ ବର୍ଷ ବୟସ ଛୁଇଁଲା । ପିତା ଓ ପୁତ୍ର/ କନ୍ୟାଙ୍କୁ ମିଶାଇ ପରିବାରର ମୋଟ ୫ ଜଣ ସଦସ୍ୟ ଅଟନ୍ତି । ପୁତ୍ର ଓ କନ୍ୟା ମାନଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ରାସନ କାର୍ଡ଼ରେ ସେମାନଙ୍କ ନାମ ଚଢ଼ା ଯାଇପାରିନଥିବାର ଜଣାଯାଇଛି । କତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ



ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଅଛି। ଚିକିତ୍ସାଳୟ ପରିସରରେ ଫକୀରମୋହନ ଭେଷଜ ମହାବିଦ୍ୟାଳୟର ଅଧିକ୍ଷକ ପ୍ରଫେସର ଡାକ୍ତର ଗଣେଶ୍ୱର ସେଠୀ ଜାତୀୟ ପତାକା ଉତ୍ତୋଳନ କରି ଭାରତବର୍ଷରେ ଗଣତନ୍ତ୍ରର ଉପକାରିତା ଓ ସମ୍ବିଧାନର ମୌଳିକ ଅଧିକାର ଉପରେ ଉଦବୋଧନ ଦେଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦେଓ, ଚିକିତ୍ସାଳୟ ଅଧିକ୍ଷକ ଡା. ସରୋଜ ରାଜ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଚିକିତ୍ସାଳୟ ପରିଚାଳକ ଡା. ମୀରା ଲେଙ୍କା, ରାମେଶ୍ୱରୀ ସିଂ, ଦେବାଶିଷ ଦାସ, ଅମୀର ବରାଳ, ବିଭାଗୀୟ ଅଧିକାରୀ ହିମାଂଶୁ ଶେଖର ଦାସ ପ୍ରଭୃତି ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଚିକିତ୍ସାଳୟର ସମସ୍ତ ନର୍ସିଂ ଅଧିକାରୀ, ଫାର୍ମାସିଷ୍ଟ, ଆଉଟ୍‌ସୋର୍ସ କର୍ମଚାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


**OFFICE OF THE BARIPADA MUNICIPALITY**
**BARIPADA, MAYURBHANJ-757001**

**QUOTATION CALL NOTICE**
No.-547 Date-20-01-2024

Sealed quotations in prescribed from are invited from the intending Registered Firms/ Entrepreneurs/ Agency/ Contractor's/ Private Companies or manufacturers in two bid system for the work **"Supply & Installation of Self-Cleaning Public Tollets (Smart Pink Toilet for ladies 1 IWC and 1 Child Feeding Room) and Self-Cleaning Public Toilets (Unisex Toilet Twin Set) inside Baripada Municipality area"** as per the specification given in quotation schedule. The prescribed quotation schedule can be obtained from the office of the Baripada Municipality on payment of Rs.4.000/- (Rupees four thousand) only including GST(Non-refundable) in shape of cash / bank draft / bankers cheque drawn in favour of the Executive Officer, Baripada Municipality payable at Baripada from any nationalized bank from **date.-24-01-2024 to date- 30- 01-2024 up to 11.30 A.M.** during office hour except holidays.

The quotation paper along with all documents should reach the undersigned by Regd. Post /Speed Post/Courier Service or by person on or before **date- 30-01-2024 up to3.00 P.M.** and the quotation will be opened on the same **date- 30-01-2024 at 4.00 P.M.** in presence of the quotationer or their authorized representative if any. The undersigned will be not responsible for any, delay in receipt of the quotation paper. The quotation received beyond the schedule date and time will not be considered at all. All terms and conditions may be seen in the quotation schedule.

The undersigned has the rights to accept, cancel or reject any or all the quotations without assigning any reason thereof.

**Executive Engineer**
**Baripada Minicipality**

**OIPR : 13078/11/0042/2324**


# ୭୫ତମ ଗଣତନ୍ତ୍ର ଦିବସ ପାଳନ

ବାରିପଦା, ୨୭/୧ (ନି.ପ୍ର): ଆଦର୍ଶ ରାଷ୍ଟ୍ରଭାଷା ପରିସରରେ ମହା ସମାରୋହରେ ପାଳନ ହୋଇଯାଇଛି। ସକାଳୁ ବିଦ୍ୟାଳୟର ପିଲାମାନେ ରାମଧୁନ ସହ ସହର ପରିକ୍ରମା କରିଥିଲେ। ସକାଳ ୮:୩୦ ମିନିଟ୍ ସମୟରେ ବିଦ୍ୟାଳୟ ପରିଷରରେ ବିଶିଷ୍ଟ ସମାଜ ସେବିକା ଶ୍ରୀମତୀ ମମତା ଖଣ୍ଡେଲୱାଲଙ୍କ ଯାତୀୟ ପତାକା ଉତୋଳନ କରିବା ସହ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ଉପରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାପତି ବିଶିଷ୍ଟ ସମାଜ ସେବା ଓ ବ୍ୟୋବସାଇ ଗୟାପ୍ରସାଦ ଖଣ୍ଡେଲୱାଲ ଗଣତନ୍ତ୍ର ଦିବସରେ ଆମର କଣ ଭୂମିକା ଉପରେ ନିଜର ମତ ରଖିଥିଲେ। ମୁଖ୍ୟ ବକ୍ତା ଡ.ଶ୍ୟାମସୁନ୍ଦର



ଖଣ୍ଡେଲୱାଲ ବିଶିଷ୍ଟ ସମାଜସେବି ନାରି ଶସକ୍ତି କରଣ ଉପରେ ନିଜର ମନ୍ତବ୍ୟ ପ୍ରକାଶ କରିଥିଲେ। ସମ୍ମାନିଅ ଅତିଥି ବିଦ୍ୟାଳୟ କାର୍ଯ୍ୟକାରିଣି ସଦସ୍ୟ ଶ୍ରୀ ସୁକାନ୍ତ କୁମାର ଜୀଉ ବରିଷ୍ଠ ସାମ୍ବାଦିକ ୭୫ତମ ଗଣତନ୍ତ୍ର ଦିବସରେ ଆମେ କିପରି ନିଜକୁ ନିର୍ଭରସିଳ ହେବା ଉପରେ ପ୍ରତିପାଦନ କରିଥିଲେ। ଶ୍ରୀ ଅସୀମ କୁମାର ଚକ୍ରବର୍ତୀ ସମସ୍ତ ଅତିଥିମାନଙ୍କୁ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟ କ୍ରମକୁ ପରିଚାଳନା କରିଥିଲେ। ହିନ୍ଦି ନିବନ୍ଧ ପ୍ରତିଯୋଗିତାରେ କୃତି ପିଲାମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଓ କପ୍ ପ୍ରଦାନ କରିଥିଲେ। ବଳରାମ ଦାସ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।ଶ୍ରୀମତୀ ଦେବେନ୍ଦ୍ର କରୌ, ଶ୍ରୀମତୀ ଇପ୍ସିତା ଦାସ, ଶ୍ରୀମତୀ ବର୍ଷା ଦାସ, ସୁଶ୍ରୀ ରଶ୍ମିରେଖା ପଟ୍ଟନାୟକ, ସୁଶ୍ରୀ ବିସମ୍ମିତା ସେଠୀ, ଶ୍ରୀ ସନ୍ତୋଷ କୁମାର ନାୟକ, ଶ୍ରୀ ଜ୍ଞାନରନ ବାରିକ, ଶ୍ରୀ ଭାଗିରଥି କାଲିଆ ଶିକ୍ଷକ ଶିକ୍ଷୟତ୍ରି ବୃନ୍ଦ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ। ସମସ୍ତ ପିଲାମାନଙ୍କୁ ଚକଲେଟ୍ ବିସ୍କୁଟ୍, ଲଡ୍ଡୁ ଟଫି କାର୍ଯ୍ୟକାରଣୀ କମିଟି ତରଫରୁ ଦିଆଯାଇଥିଲା।

# ଯୋଗ ମହୋତ୍ସବ ସମିତିର ଜନରାଜ୍ୟ ଦିବସ ପାଳିତ

ବାଲେଶ୍ୱର, ୨୭/୧ (ନି.ପ୍ର): ଭାରତର ୭୫ତମ ଗଣତନ୍ତ୍ର ଦିବସ ସ୍ଥାନୀୟ ବିବେକାନନ୍ଦ ମାର୍ଗ ସ୍ଥିତ ଲଳୀତେଶ୍ୱରୀ କାଳିମନ୍ଦିର ପରିସରରେ ବାଲେଶ୍ୱର ଯୋଗ ମହୋତ୍ସବ ସମିତି ତଥା ଯୋଗ କେନ୍ଦ୍ର ତରଫରୁ ପାଳନ କରାଯାଇଅଛି ।ସମିତିର ସଭାପତି ଯୋଗାଚାର୍ଯ୍ୟ ସୁଜିତ କୁମାର ଜେନା ପତାକା ଉତ୍ତୋଳନ କରିଥିଲେ ।ଧ୍ୱନୀପ୍ରତିଧ୍ୱନୀର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡା ମୂଖ୍ୟବକ୍ତା ଭାବରେ ଯୋଗ ଦେଇ ସ୍ୱାଧୀନ ଭାରତର ବିଜୟଗାଥା ତଥା ଗଣତନ୍ତ୍ର ଦିବସ ର ଇତିହାସ ଉପରେ ବକ୍ତବ୍ୟ ରଖିଥିଲେ। ସମାଜ ସେବୀ ତଥା ଝାଡେଶ୍ୱର ସୁଇଟ୍ସ ଓ ହୋଟେଲ ର ମୂଖ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଜାତୀୟ ଦିବସ ର ପାଳନ ର ଆୟୋଜନ ଓ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ସୂର୍ଯ୍ୟ ପୋଥାଳ, ତୃପ୍ତି ପୋଥାଳ, ରୀତା ରାଉତ, ବ୍ୟାସଦେବ ରାଉତ, ଧ୍ରୁବ ବେହେରା,ସୀତା ବେହେରା,ରୀତା ସାହୁ,ଓମ ସାହୁ,ମନ୍ଦାକିନୀ ଦାସ, ନାରାୟଣ ପାତ୍ର, ଗୀତାଞ୍ଜଳି ପଣ୍ଡା,ଫନୀ ଜେନା,ପ୍ରଦିପ ସେନାପତି,ବିଜୟଲକ୍ଷ୍ମୀ ରାଉଳ,ଲିଲି ଗିରି ଓ ମନ୍ଦିରର ଶ୍ରଦ୍ଧାଳୁ ପ୍ରଭୃତି ଯୋଗ ଦେଇଥିଲେ ।ଶେଷରେ ସ୍ନେହଲତା ଦାସ ଧନ୍ୟବାଦ ଦେଇ ଥିଲେ।



# ଜିଲ୍ଲାସ୍ତରୀୟ ୭୫ ତମ ସାଧାରଣତନ୍ତ୍ର ଦିବସ- ୨୦୨୪ ପାଳିତ

ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ସଦର ମହକୁମାସ୍ଥିତ ପୋଲିସ ପ୍ୟାରେଡ୍ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ), ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ ସକାଳ ଘ ୮.୩୦ ମି. ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମର ଇତିହାସ ଏବଂ ମହାତ୍ମା ଗାନ୍ଧୀ, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସମେତ ଅନ୍ୟ ଯେଉଁ ମହାନ ଦେଶଭକ୍ତମାନେ ଜାତୀୟ ସଂଗ୍ରାମରେ ସାମିଲ ହୋଇ ନିଜ ଜୀବନକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଯାଇଛନ୍ତି ତାହାର ସ୍ମୃତିଚାରଣ କରିଥିଲେ । ଏକ ସାଧାରଣତନ୍ତ୍ର ଦେଶ ଗଠନ ଏବଂ ସ୍ଥାୟୀ ସମ୍ବିଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ସମ୍ବିଧାନ ସଭାର ଅଧ୍ୟକ୍ଷ ଡ଼. ଭୀମରାଓ ଆମ୍ବେଦକର ଓ ଅନ୍ୟାନ୍ୟ ସଦସ୍ୟ ଓ ସେମାନଙ୍କ ଅବଦାନ ଉପରେ ମାନ୍ୟବର ମନ୍ତ୍ରୀ ଆଲୋକପାତ କରିଥିଲେ ଓ ଇରମ, ଇଂଚୁଡିର ପବିତ୍ର ଭୂମି ହେଉଛି ଦେଶ ଓ ଜାତି ପାଇଁ ନିରସ୍ତ୍ର ଜନତାଙ୍କ ଆତ୍ମୋତ୍ସର୍ଗର ମହାପର୍ବ ଓ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ପାଇଁ ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳଗୌରବ ମଧୁସୂଦନ ଦାସ, କବିବର ରାଧାନାଥ ରାୟ ପ୍ରମୁଖଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ । ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟ ପାଇଁ ଆଗେଇ ଆସିଥିବା ସ୍ଥାନୀୟ ଲୋକଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ ମାନ୍ୟବର ମନ୍ତ୍ରୀ ବାଲେଶ୍ୱରଜିଲ୍ଲାବାସୀଙ୍କ ସହିତ ଜିଲ୍ଲା ପ୍ରଶାସନର ଭୁରି ଭୁରି ପ୍ରସଂଶା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମ ରାଜ୍ୟରେ ଏବେ ବିକାଶର ଧାରା ଜାରି ରହିଥିବା ବେଳେ ଆମ ରାଜ୍ୟର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବିକାଶ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଥିବା ମାନ୍ୟବର ମନ୍ତ୍ରୀ କହିଥିଲେ । ୫-ଟି ଉପକ୍ରମରେ ରାଜ୍ୟରେ ବିଦ୍ୟାଳୟଗୁଡ଼ିକରେ ସୃଷ୍ଟି କରାଯାଇଥିବା ଶୈକ୍ଷିକ ପରିବେଶ, ମିଶନ ଶକ୍ତି ଅଧୀନରେ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ରାଜ୍ୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଯାଇଥିବା, ମୋ ଘର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଇତ୍ୟାଦି ଉପରେ ଆଲୋକପାତ କରି ଏହା ଦ୍ୱାରା ରାଜ୍ୟର ପ୍ରଗତିର ଧାରା ବେଶ ଆଗକୁ ଯାଇପାରିଥିବା ମାନ୍ୟବର ମନ୍ତ୍ରୀ କହିଥିଲେ । ବାଲେଶ୍ୱର ଜିଲ୍ଲାରେ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଏବଂ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଦ୍ୱାରା ଜିଲ୍ଲା ତଥା ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହୋଇପାରିଥିବା ମାନ୍ୟବର ମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ମାନ୍ୟବର ମନ୍ତ୍ରୀ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୫ ଯୋଡ଼ା ଦିବ୍ୟାଙ୍ଗ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ରାଶି ଓ ୬ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ସାଗରିକା ନାଥ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ଏମସିଏଲ ପକ୍ଷରୁ ୭୫ତମ ଗଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର, ୩୧/୧ (ନି.ପ୍ର): ମହାନଦୀ କୋଲଫିଲଡ୍ସ ଲିମିଟେଡ (ଏମ.ସି.ଏଲ) ର ଆନନ୍ଦ ବିହାର ସ୍ଥିତ ପ୍ୟାରେଡ ମଇଦାନରେ ୭୫ତମ ଗଣତନ୍ତ୍ର ଦିବସ ଦେଶଭକ୍ତି ଏବଂ ହର୍ଷଉଲ୍ଲାସରେ ପାଳନ କରାଯାଇଅଛି । ମୂଖ୍ୟ ଅତିଥି ଭାବେ ଅଧ୍ୟକ୍ଷ-ସହ-ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ ଉଦୟ ଅନନ୍ତ କାଓ୍ୱଲେ ଧ୍ୱଜାରୋହଣ ଏବଂ ପ୍ୟାରେଡ ର ସଲାମ ନେଇଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ(କାର୍ମିକ), ଶ୍ରୀ ପି କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ (ସିବିଓ), ଶ୍ରୀ ଜେ କେ ବୋରା, ନିର୍ଦ୍ଦେଶକ (ଟେକନିକ/ ସଂଚାଳନ), ଶ୍ରୀ ଏ କେ ବେହେରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଶ୍ରୀ ଏ କେ ବାପଟ, ନିର୍ଦ୍ଦେଶକ (ଟେକନିକ/ ପରିଯୋଜନା ଏବଂ ଯୋଜନା) ସମାରୋହରେ ଉପସ୍ଥିତ ରହିଥିଲେ । ସିଏମଡି ଶ୍ରୀ କାଓ୍ୱଲେ ନିଜର ସମ୍ବୋଧନ ରେ ସମସ୍ତ ଙ୍କୁ ହାର୍ଦ୍ଦିକ ଶୁଭକାମନା ଦେଇ ଭାରତ ର ଆର୍ଥିକ ବିକାଶ ପାଇଁ ୨୪ଘ୭ ଉର୍ଜା ସୁରକ୍ଷା ସୁନିଶ୍ଚିତ କରିବାରେ ଆମର ଖଣିକ ର କର୍ତବ୍ୟନିଷ୍ଠା ଏବଂ କୋଇଲା ଉତ୍ପାଦନ ରେ ଯୋଗଦାନ ପାଇଁ ଖଣିକମାନଙ୍କୁ ବହୁତ ବହୁତ ପ୍ରଶଂସା କରିଥିଲେ । ଏହା ପ୍ରଥମେ ନିର୍ଦ୍ଦେଶକ (କାର୍ମିକ) ଶ୍ରୀ କେଶବ ରାଓ କର୍ପୋରେଟ କାର୍ଯ୍ୟାଳୟ ଲନ୍‌ରେ ଧ୍ୱଜାରୋହଣ କରିଥିଲେ । ଏହି ସମାରୋହ ରେ ସେଂଟ ଲୟୁକ୍ସ ସ୍କୁଲ (ବୁର୍ଲା), ସେଂଟ ଜ୍ୟାନ୍ସ ସ୍କୁଲ (ବୁର୍ଲା), ଡିଏବି ପବ୍ଲିକ ସ୍କୁଲ(ବୁର୍ଲା), ଶାସକୀୟ ଉଚ୍ଚ ବିଦ୍ୟାଳୟ (ବୁର୍ଲା) ଏବଂ ସେଂଟ ଜୋସେଫ କନଭେନ୍ଟ ଉଚ୍ଚ ବିଦ୍ୟାଳୟ (ସମ୍ବଲପୁର) ର ଛାତ୍ରଛାତ୍ରୀ ମାନେ ଦେଶଭକ୍ତି କାର୍ଯ୍ୟକ୍ରମର ପ୍ରଦର୍ଶନ କରିଥିଲେ । ଜାଗୃତି ମହିଳା ମଣ୍ଡଳର ଅଧ୍ୟକ୍ଷା ଶ୍ରୀମତୀ ସୁବର୍ଣ୍ଣା କାଓ୍ୱଲେ, ଉପାଧ୍ୟକ୍ଷା ଶ୍ରୀମତୀ ଅଞ୍ଜନା ଶୁକ୍ଲା ରାଓ, ଶ୍ରୀମତୀ ରଶ୍ମି ବେହେରା ଏବଂ ଶ୍ରୀମତୀ ଅଂଜଳି ବାପଟ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରିଥଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମାର୍ଚପାଷ୍ଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ସୁନ୍ଦରଗଡ, ଅନୁଗୁଳ ଏବଂ ଝାରସୁଗୁଡା କାର୍ଯ୍ୟାଳୟ କ୍ଷେତ୍ର ଏବଂ ପରିଯୋଜନା ରେ ମଧ୍ୟ ୭୫ତମ ଗଣତନ୍ତ୍ର ଦିବସ ହର୍ଷଉଲ୍ଲାସରେ ପାଳନ କରାଯାଇଅଛି ।




# ବିଭିନ୍ନ ସ୍ଥାନରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ

ଖୋର୍ଦ୍ଧା , ୨୭/୧ (ନି.ପ୍ର): ଶୁକ୍ରବାର ଦିନ ସକାଳ ୯ ଟା ରେ ବିଜେବି ହାଇସ୍କୁଲ ଖେଳ ପଡିଆ ରେ ୭୫ତମ ସାଧାରଣ ତନ୍ତ୍ର ଦିବସ ଅବସରରେ ଜାତୀୟ ପତାକା ଉତୋଳନ କରିଥଲେ ଖୋର୍ଦ୍ଧା ଜିଲ୍ଲା ଜିଲାପାଳ ଶ୍ରୀଯୁକ୍ତ କେ, ସୁଦର୍ଶନ ଚକ୍ରବର୍ତ୍ତୀ। ତାଙ୍କ ପାର୍ଶ୍ୱରେ ସନମାନୀୟ ଅତିଥି ଭାବେ ଉପଷ୍ଟିତ ଥଲେ ଖୋର୍ଦ୍ଧା ପୋଲିସ ଆରକ୍ଷୀ ଅଧିକାରୀ ଶ୍ରିଯୁକ୍ ଶ୍ରିଦ୍ଧାର୍ଥ କାଟରିଆ। ଜିଲ୍ଲାପାଳ ଶ୍ରୀଯୁକ୍ତ ଚକ୍ରବର୍ତ୍ତୀ ଉପସ୍ଥିତ ଜନତାଙ୍କୁ ତାଙ୍କ ଅଭିଭାଷଣ ଖୋର୍ଦ୍ଧା ଭୂତ ଗୌରବ ବର୍ଣ୍ଣନା କରିବା ସହ ଓ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥଲେ। ଏହି ଦିବସର ମହାନତା ବିସୟରେ ସାରଗର୍ବ ଭାଷଣ ଦେଇଥିଲେ। ସ୍କୁଲ, କଲେଜ, ପୋଲିସ ଆଦି ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଜ୍ଞାପନ ମେଢ଼ ଶିକ୍ଷା, ସ୍ୱାସ୍ଥ୍ୟ, ଚାଷ ଆଦି ୬ ଟି ର ପ୍ରଦର୍ଶିତ ହୋଇଥଲା। ବିଭିନ୍ନ ପ୍ରକାର ନାଚ, ଗୀତ, କଳା ଓ ସାହିତ୍ୟ ପରାକାଷ୍ଠ ପରିଦର୍ଶନ କରିଥଲେ । କୃତି ପ୍ରତିଯୋଗିତା ମାନଙ୍କୁ ଜିଲାପାଳ ଖୋର୍ଦ୍ଧା। ପୁରସ୍କୃତ କରିଥଲେ ।ସ୍ଥାନୀୟ ଖୋର୍ଦ୍ଧା। ମୂଖ୍ୟ ଡ଼ାକ୍ତରଖାନା ରୋଗୀଙ୍କୁ ଫଳ ବଣ୍ଟନ କରି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଖୋର୍ଦ୍ଧା ଜିଲ୍ଲା ଜେଲ ଭିତରକୁ ଯାଇ ଜେଲ କଇଦି ମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରି, ତାଙ୍କ ରହିବା , ଖାଇବା ଓ ପରିବେଶ ବୁଲି ଦେଖିଥିଲେ । ଖୋର୍ଦ୍ଧା ଜିଲ୍ଲାର ପ୍ରେସ କ୍ଲବ , ସାମ୍ବାଦିକ ଭବନ ସ୍ଥାୟୀ ଗୃହ ପ୍ରାଗଣ ପ୍ରେସ କ୍ଲବ ସଭ୍ୟ ( ସାମ୍ବାଦିକ) ମାନେ, ଏହାର କର୍ମ କର୍ତ୍ତା ଉପସ୍ଥିତ ରେ ଜାତୀୟ ପତାକା ଉତୋଳନ ହୋଇଥଲା। ପ୍ରେସ କ୍ଲବ ର ସଭାପତି ସଭାପତି ଶ୍ରୀଯୁକ୍ତ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ ପତାକା ଉତୋଳନ କରିଥଲେ ତାଙ୍କ ପାଖେ ଉପସ୍ଥିତ ଥିଲେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଈଶ୍ୱର ଚଂଦ୍ର ମଙ୍ଗରାଜ। ସେହିପରି କର୍ମ ଯିବି ସାମ୍ବାଦିକ ସଙ୍ଘ ର ସଭାପତି ଶ୍ରୀଯୁକ୍ତ ପ୍ରକାଶ ଚଂଦ୍ର ହାତୀ ,ପଲ୍ଲୀ ସ୍ଥିତ ଅଫିସ୍ ପ୍ରାଗଣରେ ପତାକା ଉତୋଳନ କରିଥଲେ। ଖୋର୍ଦ୍ଧା ବରିଷ୍ଠ ନଗରରିକ ମଞ୍ଚ ସ୍ଥାୟୀ ଗୃହ ପ୍ରାଗଣ ଶ୍ରୀରାମ ନଗର ଠାରେ ପ୍ରାୟେ ସମସ୍ତ ବରିଷ୍ଟ ନାଗରିକ ଉପସ୍ଥିତ ରେ ବରିଷ୍ଟ ନାଗରିକ ଦେବପ୍ରସାଦ ମଞ୍ଜୁଦାର ପତାକା ଉତୋଳନ କରିଥଲେ। ଏହି ମଂଚର ସଂପାଦକ ଶ୍ରୀଯୁକ୍ତ ରାମଶଙ୍କର ଉକ୍ତ ଉତ୍ସବ ପରିଚାଳନ କରିଥିଲେ। ଏହା ବେତିତ୍ୟ ସମସ୍ତ ସରକାରୀ, ବେସରକାରୀ ଅଫିସ, ସ୍କୁଲ ଓ କଲେଜ ୭୫ ସାଧାରଣ ତନ୍ତ୍ର ଦିବସ ପାଳନ ହୋଇ ଯାଇଛି। ଫର ଫର ହୋଇ ଆମ ଦେଶର ଜାତୀୟ ପତାକା ଖୋର୍ଦ୍ଧା ସହର ଶୋଭା ବର୍ଦ୍ଧନ କରିଥିଲା।




# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୨୭/୧ (ନି.ପ୍ର): ମାୟା ନିଦ୍ରା ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ଉଦଘାଟନ କରିଥିଲେ। ଏଥିରେ ବାଲିଆପାଳ ର ଦାରଦ୍ର୍ୟ ବୃଦ୍ଧ ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପଚାଶ ରୁ ଉର୍ଦ୍ଧ୍ୱ ମଧୁମେହ ରୋଗୀ, ଉଚ୍ଚ ରକ୍ତ ଚାପ ଜନିତ ରୋଗୀଙ୍କୁ ବିଭିନ୍ନ ଡାକ୍ତର ଓ ନର୍ସ ମାନଙ୍କ ଦ୍ୱାରା ଚିକିତ୍ସା କରାଯାଇ ଥିଲା । ଉକ୍ତ ଶିବିରକୁ ଭାଜପା ନେତା ଅରବିନ୍ଦ ବେହେରା, ଗୌରବ ଚରଣ ଅଣ୍ଡିଆ, ସୁଦାମ କୁମାର ଦାସ, ବଳରାମ ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ଏଏମ୍ /ଏନ୍ଏସ ପ୍ଲାଣ୍ଟରେ ବିପିଏନଏସଆଇର କର୍ମଶାଳା

ପାରାଦ୍ୱୀପ, ୨୭/୧ : ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନା ପାରାଦୀପ ଠାରେ ସସ୍ଟେନେବିଲିଟି, ଏନର୍ଜି କନଜେର୍ଭେସନ୍ ଏବଂ ଇମୋସନାଲ ଇଂନଟ୍ଲେିଜେନ୍ସ ସଂବନ୍ଧୀୟ ଏକ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଭିଡିଓ କନ୍ଫରେନ୍ସ ମାଧ୍ୟମ ରେ ଅନୁଷ୍ଠାନର ନୀର୍ଦ୍ଦେଶକ ଶ୍ରୀ ପ୍ରୀତମ୍ ପୁରକାୟସ୍ଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସସ୍ଟେନେବିଲିଟି ବିଷୟ ରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ବିପିଏନଏସଆଇ ତରଫରୁ ପ୍ରଫେସର ଶରତ ଚଂଦ୍ର ପାଣିଗ୍ରାହୀ, ପୂର୍ବତନ ପ୍ରଫେସର, ଆଇ ଆଇ ଟି ଖଡଗପୁର ଶୈକ୍ଷଣିକ ସଂଦର୍ଭ ମାଧ୍ୟମରେ ସସ୍ଟେନେବିଲିଟି, ଏନର୍ଜି କନଜେର୍ଭେସନ୍ ଇନ୍ ପାଲେଟ ପ୍ଲାଣ୍ଟ ବିଷୟରେ ବିସ୍ତୃତ ବିବରଣୀ ଏ ଏମ୍ ଏନ୍ ଏସ୍ ପ୍ଲାଣ୍ଟର ଇଂଜିନିୟର ମାନଂକୁ ପଢାଇବା ସଂଗେସଂଗେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ପରେ ପରେ ଇଂ ସନ୍ଦୀପ ଦାସ ଇମୋସନାଲ ଇଂନଟ୍ଲେିଜେନ୍ସ ସଂବନ୍ଧୀୟ ଦୀକ୍ଷାନ୍ତ ଭାଷଣ କର୍ମଶାଳାରେ ଉପସ୍ଥାପନ କରିଥିଲେ। ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନାର ମାନବ ସମ୍ବଳ ମୁଖ୍ୟ ଶ୍ରୀ ସୁନୀଳ ଦାସ, ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର କର୍ମଶାଳାକୁ ଭୂୟସୀ ପ୍ରଶଂସା କରିଥିଲେ। କର୍ମଶାଳାରେ ଉପସ୍ଥିତ ସମସ୍ତ ଶ୍ରୋତା ଇଂଜିନିୟର ମାନେ ମଧ୍ୟ ଶିକ୍ଷା ଗ୍ରହଣ କରିବା ସଙ୍ଗେ ସଙ୍ଗେ ପ୍ରଶଂସା କରିଥିଲେ। କର୍ମଶୀଳା ରେ ବିପିଏନଏସଆଇର ଶ୍ରୀ ଦୁର୍ଗେଶ ପ୍ରସାଦ ପଣ୍ଡା ଏବଂ ଇଂ ପ୍ରଦୀପ କୁମାର ମହାଲିକ ଉପସ୍ଥିତ ଥିଲେ। ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ କାରଖାନାର ମାନବ ସବଳ ଅଧିକାରୀ ଶ୍ରୀମତୀ ସୁପ୍ରିୟା ସ୍ୱାଇଁ ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ପ୍ରଫେସର ସତ୍ୟପ୍ରିୟ ଶତପଥୀ କର୍ମଶାଳା ସଂଚାଳନ କରିଥିଲେ।

# ଦିନିକିଆ ନୂଆପଡ଼ା ଗସ୍ତରେ ରାଜ୍ୟପାଳ ରଘୁବର ଦାସ

ଭୁବନେଶ୍ୱର, ୨୭/୧ (ନି.ପ୍ର): ରାଜ୍ୟପାଳ ରଘୁବର ଦାସ ଦିନିକିଆ ନୂଆପଡ଼ା ଗସ୍ତରେ, ଟ୍ରେନ ଯୋଗେ ନୂଆପଡ଼ା ପହଞ୍ଚିଛନ୍ତି । ସେଠାରେ ତାଙ୍କର ଅନେକ କାର୍ଯ୍ୟକ୍ରମ ରହିଛି । ମିଳିଥିବା ସୂଚନା ଅନୁସାରେ ରାଜ୍ୟପାଳ ସେଠାରେ ଡାକ୍ତର, ପାରାମେଡିକାଲ ଷ୍ଟାଫ୍ , ଆଶା କର୍ମୀ ଏବଂ ରୋଗୀ ମାନଙ୍କ ସହିତ କଥାହେବେ। ଘାଟିପଡା ସ୍ଥିତ ଆବାସ ହିତାଧିକାରୀଙ୍କ ସହିତ ମଧ ଆଲୋଚନା କରିବେ ରାଜ୍ୟପାଳ ରଘୁବର ଦାସ । ସେହିପରି କୋମନା ବ୍ଲକ ମିଛାପାଲି ଠାରେ ଚାଷୀ, ଆଦିବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସହିତ ସେ ଆଲୋଚନା କରିବେ ।

# ହସ୍ପିଟାଲରେ ନବଜାତ ଶିଶୁକୁ ଛାଡ଼ି ବାପାମା ଫେରାର

ଭୁବନେଶ୍ୱର, ୨୭/୧ (ନି.ପ୍ର): କ୍ୟାପିଟାଲ୍ ହସ୍ପିଟାଲରେ ନବଜାତ ଶିଶୁକୁ ଛାଡ଼ି ବାପାମା ଫେରାର ହୋଇଯାଇଛନ୍ତି ।ନବଜାତକଟି ୨୨ ଦିନର ଶିଶୁକନ୍ୟା ।୪/୫ ଦିନ ତଳେ ଚିକିତ୍ସା ପାଇଁ ଛୁଆକୁ ନୟାଗଡ଼ରୁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ ବାପାମା । ସ୍ୱତନ୍ତ୍ର ନ୍ୟୁ ବର୍ଣ୍ଣ କେୟାର ୟୁନିଟ୍ ରେ ଶିଶୁର ଚିକିତ୍ସା ଚାଲିଛି । ଏପର୍ଯ୍ୟନ୍ତ ବାପାମାଙ୍କ ସନ୍ଧାନ ମିଳିନଥିବା ବେଳେ ଆଡମିଶନ ବେଳେ ଦେଇଥିବା ଫୋନ୍ ନଂ ସ୍ୱିଟଚ୍ ଅଫ୍ ଦେଖାଉଛି ।

# ଯୁବ କଂଗ୍ରେସର ମିଡ଼ିଆ ବିଭାଗର ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୨୭/୧ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ସୁପାରିଶ କ୍ରମେ ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦିପ୍ ସାମଲଙ୍କୁ ଭାରତୀୟ ଯୁବ କଂଗ୍ରେସର ମିଡ଼ିଆ ବିଭାଗର ପ୍ରଭାରୀ , ଭରୁଣ ପାଣ୍ଡେ ପ୍ରଦେଶ ଯୁବ କଂଗ୍ରେସର ମିଡ଼ିଆ ବିଭାଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି । ଶ୍ରୀ ସାମଲ ଏହି ନବନିଯୁକ୍ତି ପାଇଁ ଜାତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ, ଜାତୀୟ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣା ଆଲାଭାରୁ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ମାନସ ରଞ୍ଜନ ଚୌଧୁରୀ, ରାଜ୍ୟ ଯୁବ କଂଗ୍ରେସର ସଭାପତି ରଣଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସର ପ୍ରଭାରୀ ମିଳିନ୍ଦ ଗୌତମ, ସହ ପ୍ରଭାରୀ- ଅଭିନବ ସିଦ୍ଧାର୍ଥ ଭଗତ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ମଥାନୀରେ ବିଜେଡିର ମିଶ୍ରଣ ପର୍ବ



ବସ୍ତା, ୨୭/୧ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ପୁଡାପୋଡା ଗ୍ରାମ ଅଙ୍ଗନ୍ୱାଡି କେନ୍ଦ୍ର ନିକଟସ୍ଥ ପଡିଆରେ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ସରପଞ୍ଚ ରାଧାଶ୍ୟାମ ମହାଲିକଙ୍କ ତତ୍ୱାବଧାନରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଅଛି । ଏହି ମିଶ୍ରଣ ପର୍ବରେ ମୂଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଯୋଗ ଦେଇ ମୂଖ୍ୟ ମନ୍ତ୍ରୀଙ୍କ ଲୋକାଭିମୂଖୀ କାର୍ଯ୍ୟ କଳାପ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ ।ଷଷ୍ଠ ଥରପୁଣି ମାନ୍ୟବର ମୂଖ୍ୟମନ୍ତ୍ରୀ ନବିନ ପଟନାୟକ ଙ୍କୁ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ବିଭିନ୍ନ ଦଳଛାଡି ୫୦ରୁ ଉର୍ଦ୍ଧ କର୍ମୀମାନେ ବିଜେଡି ଦଳରେ ସାମିଲ ହୋଇଥିଲେ ।ସେମାନଙ୍କୁ ଦଳିୟ ଉତା ଓ ଫୁଲତୋଡାଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣି ସଭାନେତ୍ରୀ ସୁବାଷିନୀ ଜେନା,ବସ୍ତା ବ୍ଲକବିଜେଡି ସଭାପତି ଅନିଲକୁମାର ମହାନ୍ତି.ଜିଲ୍ଲାବିଜେଡି ଯୁବ ସଭାପତି ଅଞ୍ଜନ ଦଣ୍ଡପାଟ. ଜିଲ୍ଲାପରିଷଦ ଦେବୀକା ସୋରେନ, ମଥାନୀ ସରପଞ୍ଚ ମମତାରାଣୀ ସିଟ. ବାଲିଆପାଳ ସରପଞ୍ଚ ଦେବ କୁମାର ଦେବ , ମନୋରଞ୍ଜନ ବିଶ୍ୱାଳ, ସୁବ୍ରତ ପଣ୍ଡା ସମେତ ବହୁ ବିଜେଡି କର୍ମୀ ଉପସ୍ଥିତଥିଲେ ।

# ରାଜନୀତି ପାଣିପାଗ: 'ପ୍ରମିଳା' ବିଧାୟିକା ପ୍ରାର୍ଥୀ ହେବା ନେଇ ପୁଣି ଜୋର ଧରିଲା ଚର୍ଚ୍ଚା

ଉଦଳା , ୨୭/୧ (ନି.ପ୍ର): ନିର୍ବାଚନ ଜେତେ ପାଖେଇ ଆସୁଛି ବିଭିନ୍ନ ଦଳରୁ ଆଶାୟୀ ଥିବା ପ୍ରାର୍ଥି/ ପ୍ରାର୍ଥିନୀ ମାନଙ୍କର ସାଧାରଣରେ ଚର୍ଚ୍ଚା ସେହି ପରିମାଣରେ ବଢ଼ି ବଢ଼ି ଚାଲିଛି । ତେବେ ଏହି ଚର୍ଚ୍ଚାରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ବେଶ ଆଗୁଆ ଥିବାର ଜଣାଯାଇଛି । ଶୁଣାଯାଉଛି ଏଥର ବିଜୁ ଜନତା ଦଳ ତରଫରୁ ମୟୂରଭଂଜ ଜିଲ୍ଲାରେ ଅତି କମରେ ୩ଟି ଆସନରେ ମହିଳାଙ୍କୁ ଟିକଟ ଦିଆଯିବ । ଏଥିମଧ୍ୟରୁ ମୋରଡ଼ା ଆସନରେ ଯଦି ବିଜୁ ଜନତା ଦଳ ତରଫରୁ ମହିଳାଙ୍କୁ ପ୍ରାର୍ଥି କରାଯାଏ, ତେବେ ଭାରତୀୟ ଜନତା ପାର୍ଟି ତରଫରୁ ପ୍ରମିଳା ପଣ୍ଡାଙ୍କୁ ଏହି ଆସନରେ ଲଢ଼ିବା ପାଇଁ ଟିକଟ ମିଳବ ବୋଲି ଚର୍ଚ୍ଚା ହେଉଛି । ପ୍ରମିଳାଙ୍କ ଶାଶୁଘର ମୋରଡ଼ା ନିର୍ବାଚନ ମଣ୍ଡଳି ମଧ୍ୟରେ ହୋଇଥିବାରୁ ସେଠାରେ ତାଙ୍କର ପରିବାର ଓ ସାଇ ପଡ଼ିଶାଙ୍କ ଭୋଟ ହାତେଇବା ତାଙ୍କ ପକ୍ଷେ ସହଜ ହେବ ବୋଲି କେତେକ ମତ ଦେଇଛନ୍ତି । ପ୍ରମିଳା ଯଦି ବିଧାୟିକା ପ୍ରାର୍ଥି ହେବାକୁ ଚାହୁଁଛନ୍ତି, ତେବେ ସେ ମୋରଡ଼ା ନିର୍ବାଚନ ମଣ୍ଡଳି ମଧ୍ୟରେ ବୁଲା ବୁଲି କରୁନାହାଁନ୍ତି କାହିଁକି ବୋଲି କେତେକ ପ୍ରଶ୍ନ କରିଛନ୍ତି । ଏହାର ଉତରରେ ପ୍ରମିଳା କହିଛନ୍ତି, 'ମୁଁ ସେଠାକାର ଚିହ୍ନା ବ୍ରାହ୍ମଣ, ମୋର ପଇତା ପକାଇ ପରିଚୟ ଦେବାର ଆବଶ୍ୟକତା ନାହିଁ ।' ତେବେ ଖୁବ ନିକଟରେ ମୋରଡ଼ା ନିର୍ବାଚନ ମଣ୍ଡଳି ମଧ୍ୟରେ ପ୍ରମିଳା ଏକ ପ୍ରେସ ମିଟ ଆୟୋଜନ କରୁଥିବାର ଜଣାଯାଇଛି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo